ବର୍ଷ-୨୬, ସଂଖ୍ୟା-୧୫୨
ଭୁବନେଶ୍ୱର
୦୫, ଜୁନ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 152
Bhubaneswar
05, June, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ପୁଣି ବିବାହ କରିବେ ଆମିର

# ଓଡିଶାର ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ ଉପସ୍ଥାପିତ କଲେ ମୁଖ୍ୟମନ୍ତ୍ରୀ

ପୁରୀ,୪।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପବିତ୍ର ସହର ପୁରୀରେ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ବୈଠକକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇବା ସହ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବଢୁଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଅନ୍ତର୍ଜାତୀୟ ଓ ଆନ୍ତଃ-ରାଜ୍ୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି।

ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧି, ବିଶେଷଜ୍ଞ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପ୍ରୟାସକୁ ଆଗକୁ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ବର୍ଣ୍ଣନା କରିଛନ୍ତି।

ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି ବିପର୍ଯ୍ୟୟ ପରିଚାଳନାରେ "ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି" । ଜୀବନ, ଜୀବିକା ଏବଂ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସମୁଦାୟ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏହି ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ଆଶଙ୍କା ହ୍ରାସ ଏବେ କେବଳ ଏକ ସ୍ୱତନ୍ତ୍ର ସୀମାବଦ୍ଧ ବିଷୟ ହୋଇ ରହିନାହିଁ, ବରଂ ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଏବଂ ସୁରକ୍ଷାର ମୂଳଦୁଆ ପାଲଟିଛି। ସେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଏବଂ ପରିବେଶର ଅବକ୍ଷୟ ଯୋଗୁଁ ସାରା ବିଶ୍ୱରେ ବାରମ୍ବାର ବିପର୍ଯ୍ୟୟ ହେବା ସହିତ ଏହାର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି। ଏଥିପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱିତ ପଦକ୍ଷେପ ଆବଶ୍ୟକ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱଦ୍ୱାରା ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆମର ବିପର୍ଯ୍ୟୟ ପରିଚାଳନା ମଡେଲ "ଶୂନ୍ୟ ମୃତ୍ୟୁହାର" ର ନୀତି ଉପରେ ଆଧାରିତ। ସେ କହିଛନ୍ତି ଯେ ପ୍ରମାଣ-ଆଧାରିତ ଯୋଜନା, ସୁଦୂରପ୍ରସାରୀ ଆଗୁଆ ସୂଚନା ପ୍ରଣାଳୀ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ବିଭିନ୍ନ ସଂସ୍ଥାର କ୍ଷମତା ବୃଦ୍ଧି ଏବଂ ସମାବେଶୀ ଶାସନ ବ୍ୟବସ୍ଥା ମାଧ୍ୟମରେ ଓଡିଶା ନିଜର ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାକୁ କ୍ରମାଗତ ଭାବରେ ସୁଦୃଢ଼ କରୁଛି।

ବାତ୍ୟା, ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଉପକୂଳ କ୍ଷୟ ଏବଂ ଜଳବାୟୁ ପ୍ରେରିତ ସହରୀ ଆଶଙ୍କା ପ୍ରତି ଓଡ଼ିଶାର ଆଶଙ୍କା ବିଷୟରେ ଉଲ୍ଲେଖ କରି ଶ୍ରୀ ମାଝୀ ପ୍ରତିରୋଧ-ନିର୍ମାଣ ପଦକ୍ଷେପଗୁଡ଼ିକରେ ନିରନ୍ତର ନୂତନ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, "ପୂର୍ବ ପ୍ରସ୍ତୁତି, ଦୃଢ଼ ଅନୁଷ୍ଠାନ ଏବଂ କମ୍ୟୁନିଟି




ସହଭାଗିତା ଜରିଆରେ ବିପର୍ଯ୍ୟୟର ପ୍ରଭାବକୁ ଯଥେଷ୍ଟ ହ୍ରାସ କରାଯାଇ ପାରିବ। ତେବେ, ଆଗାମୀ ଦିନର ଆହ୍ୱାନଗୁଡ଼ିକ ପାଇଁ ଆହୁରି ଅଧିକ ପ୍ରୟାସ, ସୁଦୃଢ଼ ସହଭାଗିତା ଏବଂ ଉନ୍ନତ ବୈଷୟିକ କ୍ଷମତାର ଆବଶ୍ୟକତା ରହିଛି।"

ଭାରତର ବିକାଶ ଆଜେଣ୍ଡାର କେନ୍ଦ୍ରବିନ୍ଦୁରେ ବିପର୍ଯ୍ୟୟ ଆଶଙ୍କା ହ୍ରାସକୁ ସ୍ଥାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦଶ-ଦଫା କାର୍ଯ୍ୟସୂଚୀ ଏକ ବିସ୍ତୃତ ରୂପରେଖ ପ୍ରଦାନ କରିଛି। ଏହା ପ୍ରତିରୋଧ, ପ୍ରସ୍ତୁତି, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ଆଶଙ୍କା-ଭିତ୍ତିକ ବିକାଶ ଏବଂ ଅନ୍ତର୍ଜାତୀୟ ସହଯୋଗ ଉପରେ କେନ୍ଦ୍ରୀଭୂତ ବୋଲି ସେ କହିଥିଲେ।

ବିପର୍ଯ୍ୟୟ ଆଶଙ୍କା ହ୍ରାସ ଦିଗରେ ପ୍ରତିରୋଧୀ ଭିତ୍ତିଭୂମିର ଭୂମିକା ସମ୍ପର୍କରେ ଆଲୋକପାତ କରି ଶ୍ରୀ ମାଝୀ ସୂଚନା କହିଛନ୍ତି ଯେ, ନିକଟରେ ଅନୁମୋଦିତ ହୋଇଥିବା ପ୍ରାୟ ୮,୩୦୧ କୋଟି ଟଙ୍କାର ବ୍ୟୟ ଅଟକଳରେ ରାମେଶ୍ୱରରୁ ପାରାଦୀପ ୧୬୦ କିଲୋମିଟର ବିଶିଷ୍ଟ ଗ୍ରୀନଫିଲ୍ଡ ଉପକୂଳ ରାଜମାର୍ଗ ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତାକୁ ଯଥେଷ୍ଟ ଶକ୍ତିଶାଳୀ କରିବ।

ଏହି ପ୍ରକଳ୍ପ ଓଡ଼ିଶାର ବାତ୍ୟା ପ୍ରବଣ ଉପକୂଳରେ ଏକ ଦୃଢ଼ ବିକଳ୍ପ ପରିବହନ କରିଡର ପ୍ରଦାନ କରିବ ବୋଲି ଆଶା କରାଯାଉଛି, ଯାହା ଗୁରୁତର ବିପର୍ଯ୍ୟୟ ସମୟରେ ଦ୍ରୁତ ଗଣ-ସ୍ଥାନାନ୍ତରଣକୁ ସୁଦୃଢ଼ କରିବ, ବାଧାହୀନ ଯୋଗାଣ ଶୃଙ୍ଖଳା ସୁନିଶ୍ଚିତ କରିବ ଏବଂ ଜରୁରୀକାଳୀନ ମୁକାବିଲା ତଥା ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରକଳ୍ପ ଓଡ଼ିଶା ପାଇଁ ଅନୁମୋଦିତ ଅନ୍ୟାନ୍ୟ ରୂପାନ୍ତରଣମୂଳକ ଭିତ୍ତିଭୂମି ପଦକ୍ଷେପଗୁଡ଼ିକର ପରିପୂରକ । ଏହା ହେଉଛି-ପ୍ରାୟ ୮,୩୦୭ କୋଟି ଟଙ୍କାର ବିନିଯୋଗରେ ୧୧୧ କିଲୋମିଟର ବ୍ୟାପୀ କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ ପ୍ରକଳ୍ପ। ନୀତି ଆୟୋଗର ସହାୟତାରେ କେନ୍ଦ୍ରୀୟ ଅନୁଦାନରୁ ୫,୦୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପ୍ରକଳ୍ପ।ସେ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ନାହିଁ, ବରଂ ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରତିରୋଧ ଏବଂ ଜଳବାୟୁ ଅନୁକୂଳ ପଦକ୍ଷେପ ନେବାରେ ମଧ୍ୟ ସାହାଯ୍ୟ କରିବ।

ଓଡ଼ିଶାବାସୀଙ୍କ ପକ୍ଷରୁ ଶ୍ରୀ ମାଝୀ ଏହି ଗ୍ରୀନଫିଲ୍ଡ ଉପକୂଳ ରାଜମାର୍ଗ ପ୍ରକଳ୍ପକୁ ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସରକାରଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାକୁ ଏକ ରୂପାନ୍ତରଣ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଓଡ଼ିଶାର ବିକାଶ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ପ୍ରୟାସ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅବିଚଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଏବଂ ଭବିଷ୍ୟତର ଅର୍ଥନୈତିକ ଓ ସାମାଜିକ ପ୍ରଗତି ପାଇଁ ଏକ ଦୃଢ଼ ମୂଳଦୁଆ ସୃଷ୍ଟି କରୁଛି।

କ୍ରମାଗତ ଭାବେ ବଢୁଥିବା ତାପମାତ୍ରା, ଅସହ୍ୟ ପାଣିପାଗ ଏବଂ ଦ୍ରୁତ ସହରୀକରଣ ପାଇଁ ପ୍ରତିରୋଧ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଜୋର ଦେଇଛନ୍ତି। ଜଳବାୟୁ-ସଂବେଦନଶୀଳ ସହରାଞ୍ଚଳ ଯୋଜନା, ସ୍ଥାୟୀ ଜମି ବ୍ୟବହାର ନୀତି ଏବଂ ବ୍ୟାପକ ଗ୍ରୀଷ୍ମ ପ୍ରବାହ ମୁକାବିଲା ପଦକ୍ଷେପଗୁଡ଼ିକୁ ଭବିଷ୍ୟତ ରଣନୀତିର ଅପରିହାର୍ଯ୍ୟ ଅଙ୍ଗ ଭାବରେ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଗ୍ରୀଷ୍ମ ପ୍ରବାହ, ବଜ୍ରପାତ ଏବଂ ଉପକୂଳ କ୍ଷୟରୁ ବଢୁଥିବା ଆଶଙ୍କାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନତ ବୈଜ୍ଞାନିକ ପଦ୍ଧତି, ଜନସଚେତନତା ଅଭିଯାନ ଏବଂ ପ୍ରତିଷେଧକ ମୂଳକ ପଦକ୍ଷେପ ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି।

ବିପର୍ଯ୍ୟୟ ଆଶଙ୍କା ହ୍ରାସ, ଜଳବାୟୁ ଅନୁକୂଳ ତଥା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଏବଂ ସଂସ୍ଥା ଗୁଡିକର କ୍ଷମତା ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିକାଶଶୀଳ ଅର୍ଥନୀତିଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବାରେ ବ୍ରିକ୍ସ ମଞ୍ଚର ଗୁରୁତ୍ୱ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି।

ଅଂଶଗ୍ରହଣକାରୀ ଦେଶ ଏବଂ ବିଶେଷଜ୍ଞମାନଙ୍କୁ କେବଳ ଆଲୋଚନାରେ ସୀମିତ ନ ରହି ଆଲୋଚିତ ବିଷୟଗୁଡ଼ିକୁ ବାସ୍ତବ ସହଭାଗିତା ଏବଂ ଏଥିରୁ ଯେପରି ଉପଯୁକ୍ତ ସୁଫଳ ମିଳିବ, ସେଥିପାଇଁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ଏହା ଦ୍ୱାରା ବିଶ୍ୱର ଅସୁରକ୍ଷିତ ଜନସଂଖ୍ୟା ଉପକୃତ ହୋଇପାରିବେ। ସେ କହିଛନ୍ତି ଯେ ଆଗୁଆ ସୂଚନା ପ୍ରଣାଳୀ, ପ୍ରତିରୋଧୀ ଭିତ୍ତିଭୂମି, ଜଳବାୟୁ ଅନୁକୂଳ ତଥା ସାଂସ୍ଥାଗତ କ୍ଷମତା ବୃଦ୍ଧି ଉପରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ବ୍ରିକ୍ସ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି। ଆଲୋଚନାକୁ କାର୍ଯ୍ୟରେ ପରିଣତ କରିବା ହିଁ ସମୟର ଆହ୍ୱାନ ବୋଲି ସେ କହିଥିଲେ।

# ଆଇଜିଆଇଟି ସରାଙ୍ଗକୁ 'ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା' ମିଳୁ

ଭୁବନେଶ୍ୱର,୪।୬(ମହାଭାରତ): ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ବିକାଶ ତଥା ଢେଙ୍କାନାଳ ଓ ଅନୁଗୋଳ ଭଳି ଶିଳ୍ପାଞ୍ଚଳର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଢେଙ୍କାନାଳ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆଇଜିଆଇଟି), ସରାଙ୍ଗକୁ ଏକ ସ୍ୱତନ୍ତ୍ର ଏକକ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ କରିବା ପାଇଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)କୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ପ୍ରଶଂସନୀୟ । ଏହି କ୍ରମରେ ଆଇଜିଆଇଟି, ସରାଙ୍ଗକୁ ମଧ୍ୟ ସମାନ ଭାବେ ଉନ୍ନତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ପ୍ରାୟ ୪୫ ବର୍ଷର ଏକ ସମୃଦ୍ଧ ସେବା ଓ ଗୌରବର ଇତିହାସ ରହିଛି । ଏହା ବର୍ତ୍ତମାନ ୟୁଜିସି ଦ୍ୱାରା ସ୍ୱୟଂଶାସିତ ମାନ୍ୟତା ପ୍ରାପ୍ତ, ଏଆଇସିଟିଇ ଦ୍ୱାରା ଅନୁମୋଦିତ ଏବଂ ଏନବିଏ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟ । ଏହା ସହିତ ଏହି ଅନୁଷ୍ଠାନ ବୈଷୟିକ ଶିକ୍ଷା ଗୁଣବତ୍ତା ସୁଧାର କାର୍ଯ୍ୟକ୍ରମ (ଟିଇକ୍ୟୁଆଇପି) ଦ୍ୱାରା ମଧ୍ୟ ସହାୟତା ପ୍ରାପ୍ତ, ଯାହା ଏହାର ଶିକ୍ଷାଗତ ବିଶ୍ୱସନୀୟତା ଓ ସାଂଗଠନିକ

## ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର



ଦକ୍ଷତାକୁ ଦର୍ଶାଉଛି। ଏହି ପ୍ରତିଷ୍ଠିତ ଅନୁଷ୍ଠାନରେ ପିଏଚ.ଡି, ଏମ.ଟେକ, ଏମସିଏ, ବି.ଟେକ, ବ୍ୟାଚଲର ଅଫ୍ ଆର୍କିଟେକଚର , ଏମ.ଏସସି ଏବଂ ଡିପ୍ଲୋମା ଭଳି ବିଭିନ୍ନ ଉଚ୍ଚକୋଟୀର ପାଠ୍ୟକ୍ରମର ସୁବିଧା ରହିଛି । ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତ୍ତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏଡି) ସହ ଇଣ୍ଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି ।

ଆଇଜିଆଇଟି ସରାଙ୍ଗ, ଢେଙ୍କାନାଳ ଏବଂ ଅନୁଗୋଳର ବୃହତ ଶିଳ୍ପାଞ୍ଚଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହା ଶିଳ୍ପ ଆଧାରିତ ଜ୍ଞାନ, ଗବେଷଣା, ଇନୋଭେସନ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ପରିସଂସ୍ଥାନକୁ ଅଧିକ ବ୍ୟାପକ କରାଇବାର ମଧ୍ୟ ସମ୍ଭାବନା ରଖୁଛି । ଏହାକୁ ଏକକ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିଲେ ଅନୁଷ୍ଠାନର ଏକାଡେମିକ ସ୍ୱାୟତ୍ତତା ବୃଦ୍ଧି ପାଇବ, ଉନ୍ନତ ଗବେଷଣା ଓ ଇନୋଭେସନକୁ ପ୍ରୋତ୍ସାହନ ମିଳିବ । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ମିଳିବା ସହ ଦକ୍ଷ ପ୍ରଫେସରମାନଙ୍କୁ ଏଠାକୁ ଆସିବା ପାଇଁ ଆକୃଷ୍ଟ କରିବ, ଅନୁଷ୍ଠାନକୁ ଅଧିକ ପାଣ୍ଠି ମିଳିବା ସହ ଭାଗିଦାରୀ ମଧ୍ୟ ବଢ଼ିବାର ସମ୍ଭାବନା ରହିଛି । ଆଇଜିଆଇଟି, ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନତ କଲେ, ଏହା କେବଳ ଓଡ଼ିଶାର ବୈଷୟିକ ଶିକ୍ଷା ଦୃଶ୍ୟପଟ୍ଟକୁ ମଜଭୂତ୍ କରିବ ନାହିଁ, ବରଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ଗବେଷଣା ଏବଂ ଉଦ୍ଭାବନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । 'ବିକଶିତ ଓଡ଼ିଶା ୨୦୩୬'ର ସଂକଳ୍ପ ଅନୁଯାୟୀ ଏହି ଅନୁଷ୍ଠାନକୁ ଅନ୍ତର୍ଜାତୀୟ ବୈଷୟିକ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ତାଳବଣିଆ ଥାନା ଉଦ୍‌ଘାଟିତ

ଭୁବନେଶ୍ୱର,୪।୬(ମହାଭାରତ): ପୁରୀର ତାଳବଣିଆ ଠାରେ ଏକ ଅତ୍ୟାଧୁନିକ ନୂତନ ଥାନା ଗୃହ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ପୋଲିସ ଭିତ୍ତିଭୂମିର ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହାସହିତ ଆଭାସୀ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁସ୍ଥିତ ଝଉଡଙ୍ଗ କାର୍ଯ୍ୟାଳୟ, ଯାଜପୁରର ବ୍ରହ୍ମବରଦା ଥାନା, ତୃତୀୟ ବାଟାଲିୟନ କୋରାପୁଟର ପ୍ରଶାସନିକ ଭବନ ଓ ଅସ୍ତ୍ରାଗାର ଗୃହ ସମେତ ଭୁବନେଶ୍ୱର, କଟକ ଓ ଯାଜପୁରରେ ସର୍ବମୋଟ ୬୫୮ଟି ପୋଲିସ ଆବାସିକ ଗୃହର ମଧ୍ୟ ଲୋକାର୍ପଣ କରାଯାଇଛି ।ରାଜ୍ୟରେ



ଆଇନଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ତାଳବଣିଆଠାରେ ପୋଲିସ ଷ୍ଟେସନ ଉଦଘାଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପ୍ରାୟ ୧୯୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଯୋଜନାକୁ ବାସ୍ତବ ରୂପ ଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୌଣସି ବି ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ହେଉଛି ଏକ ସୁଦୃଢ଼ ଆଇନ ଶୃଙ୍ଖଳା ଏବଂ ଭୟମୁକ୍ତ ପରିବେଶ। ଓଡ଼ିଶାକୁ ଦେଶର ଏକ ଶାନ୍ତିପୂର୍ଣ୍ଣ ଏବଂ ଅଗ୍ରଗାମୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମ ପୋଲିସ ବାହିନୀର ସଶକ୍ତୀକରଣ, ଆଧୁନିକୀକରଣ ଏବଂ ଉପଯୁକ୍ତ ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ।

# ରାଜ୍ୟରେ ଫେରିବ ମୂଳ ଓଡ଼ିଆ ନାମ

## ୫୦ରୁ ଅଧିକ ସ୍ଥାନର ନାମ ହେବ ପରିବର୍ତ୍ତନ

ଭୁବନେଶ୍ୱର, ୪।୬ (ମହାଭାରତ): ଓଡ଼ିଶାର ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ଓ ତହସିଲର ମୂଳ ଓଡ଼ିଆ ନାମ ସଂଶୋଧନ ଦିଗରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଜିଲ୍ଲା, ଉପଖଣ୍ଡ, ବ୍ଲକ ଓ ତହସିଲର ପୁରୁଣା ଓଡ଼ିଆ ନାମ ଫେରାଇବାକୁ ସୁପାରିଶ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଗଠିତ ବିଶେଷଜ୍ଞ କମିଟିର ଦ୍ୱିତୀୟ ବୈଠକରେ ୫୦ରୁ ଅଧିକ ସ୍ଥାନର ନାମକୁ ସେମାନଙ୍କର ମୂଳ ଓଡ଼ିଆ ଉଚ୍ଚାରଣ ଓ ଐତିହାସିକ ପରିଚୟ ଅନୁଯାୟୀ ପରିବର୍ତ୍ତନ କରିବାକୁ ସୁପାରିସ କରାଯାଇଛି ।ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ବ୍ଲକ ଓ ତହସିଲର ମୂଳ ଓଡ଼ିଆ ନାମ ପୁନଃସ୍ଥାପନ ପାଇଁ ଗଠିତ କମିଟିର ଦ୍ୱିତୀୟ ବୈଠକ ୨ ଜୁନରେ ଅନୁଷ୍ଠିତ ହୋଇଛି। ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା, ଇତିହାସ, ଭୂଗୋଳ ଓ ପ୍ରଶାସନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଅନେକ ସ୍ଥାନର ଇଂରାଜୀରେ ନାମକୁ ମୂଳ ଓଡ଼ିଆ ନାମରେ ପରିବର୍ତ୍ତନ କରିବାକୁ ସୁପାରିଶ କରାଯାଇଛି। କମିଟିର ସୁପାରିସ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର 'ଔଙ୍କଭବଶବକ୍ଷ'କୁ 'ଜୁନାଗଡ଼', Kandhamalକୁ 'କନ୍ଧମାଳ' ଏବଂ ସୁନ୍ଦରଗଡ଼ ଜିଲ୍ଲାର 'Bonaigarh'କୁ 'ବଣାଇଗଡ଼' ଭାବେ ନାମକରଣ କରିବାକୁ ପ୍ରସ୍ତାବ ରହିଛି। ସେହିପରି 'Nimapara' ହେବ 'ନିମାପଡ଼ା', 'Umerkote' ହେବ 'CceùKûU', 'Boudhgarh' ହେବ 'ବୌଦ୍ଧଗଡ଼', 'Rourkela' ହେବ 'ରାଉରକେଲା', 'Talcher' ହେବ 'ତାଳଚେର' ଏବଂ 'Soro' ହେବ 'ସୋରୋ'। ତାଲିକାରେ ଗଞ୍ଜାମ ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ ସହର ଓ ବ୍ଲକ୍ର ନାମ ମଧ୍ୟ ରହିଛି। 'Berhampur'କୁ 'ବ୍ରହ୍ମପୁର', 'Hinjilicut'କୁ 'ହିଞ୍ଜିଳିକାଟୁ', 'Aska'କୁ 'ଆସିକା' ଏବଂ 'Surada'କୁ 'ସୋରଡ଼ା' କରିବାକୁ ସୁପାରିସ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର 'Kendrapara'କୁ 'କେନ୍ଦ୍ରାପଡ଼ା', 'ଇଙ୍କକ୍ଷ'କୁ 'ଆଳି' ଓ 'Mahakalapada'କୁ 'ମହାକାଳପଡ଼ା' କରିବା ପ୍ରସ୍ତାବ ରହିଛି। ସେହିପରି 'Keonjhar'କୁ 'କେନ୍ଦୁଝର', 'Keonjhargarh'କୁ 'କେନ୍ଦୁଝରଗଡ଼' ଏବଂ 'Barbil'କୁ 'ବଡ଼ବିଲ' ନାମ ଦେବାକୁ କମିଟି ମତ ଦେଇଛି ।ଖୋର୍ଦ୍ଧା ଜିଲ୍ଲାର 'Khurda'କୁ 'ଖୋର୍ଦ୍ଧା', 'Bolagarh'କୁ 'ବୋଲଗଡ଼', 'Jatni'କୁ 'ଜଟଣୀ' ଏବଂ କୋରାପୁଟର 'Jeypore'କୁ 'ଜୟପୁର' କରିବା ପାଇଁ ସୁପାରିସ କରାଯାଇଛି।

# ଦେବାଶିଷ ବିଜେପିର ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର,୪।୬(ମହାଭାରତ): ରାଜ୍ୟସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ନିଜର ପ୍ରାର୍ଥୀଙ୍କ ନାମ ଗୁରୁବାର ଘୋଷଣା କରିଛି। ଦେବାଶିଷ ସାମନ୍ତରାୟଙ୍କ ନାମରେ ବିଜେପି ମୋହର ମାରିଛି। ଫଳରେ ଦେବଶିଷ ବିଜେପିର ପ୍ରାର୍ଥୀ ହୋଇଛନ୍ତି। ବିଜେପିରୁ ଟିକେଟ ମିଳିବା ପରେ ଦେବାଶିଷ ସାମନ୍ତରାୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ବିଜେପି ମୋ ଉପରେ ଭରସା ରଖିଛି। ରାଜ୍ୟର ବିକାଶ ପାଇଁ ଯାହା ଦରକାର ତାହା କରିବି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସୋମବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ କମିସନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ।

# ମଦ ଦୋକାନ ଆବେଦନକାରୀଙ୍କ ଟଙ୍କା ବରବାଦ୍

ଭୁବନେଶ୍ୱର,୪।୬(ମହାଭାରତ): ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀରେ ବାଜି ଲଗାଇ ହଜାର ହଜାର ଆଶାୟୀ କୋଟି କୋଟି ଟଙ୍କା ହରାଉଛନ୍ତି । ଏହି ଅର୍ଥ ସେମାନେ କେଉଁଠୁ ଓ କିପରି ଭରଣା କରିବେ ଏ ଚିନ୍ତା ଏବେ ମଦ ଲଟେରୀ ହାରିଥିବା ଲୋକଙ୍କର ।

ପୂର୍ବରୁ ମଦ ଦୋକାନ ସବୁ ନିଲାମ ହେଉଥିଲା । ଆଉ ଗୋଟିଏ ସମୟରେ ନିଲାମ ନକରି ମଦ ଦୋକାନୀଙ୍କଠାରୁ ପ୍ରତିବର୍ଷ କିଛି କିଛି ଅଧିକ ଲାଇସେନ୍ସ ଫି' ଆଦାୟ କରାଗଲା। ଏଥର ନୂଆ ଅବକାରୀ ନୀତି ଅନୁଯାୟୀ ସରକାର ଲଟେରୀ ମାଧ୍ୟମରେ ଉଭୟ ଦେଶୀ ଓ ବିଦେଶୀ ମଦଦୋକାନଗୁଡିକର ଲାଇସେନ୍ସ ପ୍ରଦାନ କରିବାକୁ ଯାଉଛନ୍ତି । ଏବେ ସାରା ରାଜ୍ୟରେ ଲଟେରୀ ମାଧ୍ୟମରେ ମଦ ଦୋକାନ ଆବଣ୍ଟନ ପ୍ରକ୍ରିୟା ଜାରି ରହିଛି । ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାମ ଚାଲିଛି । ଏ ବାବଦରେ ସରକାର ପୂର୍ବ ବର୍ଷ ତୁଳନାରେ ଢେର ଅଧିକ ଆୟ କରିବେ ବୋଲି ଆଶା କରାଯାଉଛି । ଲଟେରୀ ମାଧ୍ୟମରେ ମଦ ଦୋକାନ ଲାଇସେନ୍ସ ଆବଣ୍ଟନ କରାଯିବ ବୋଲି ଜଣାପଡିବା ପରେ ଉଭୟ ଦେଶୀ ଓ ବିଦେଶୀ ମଦ ଦୋକାନୀମାନଙ୍କ ଚିନ୍ତା ବଢ଼ିଯାଇଥିଲା । ମଦ ବ୍ୟବସାୟରୁ କୋଟି କୋଟି ଟଙ୍କାର ମୁନାଫା ଯେଉଁମାନେ ବର୍ଷବର୍ଷ ଧରି ଉଠାଇଛନ୍ତି ସେମାନେ ଯେ କୌଣସି ପ୍ରକାରେ ଲଟେରୀ ଜିଣି ନିଜନିଜ ମଦ ଦୋକାନ ଲାଇସେନ୍ସକ ନିରାପଦ ରଖିବା ଲାଗି ଆପ୍ରାଣ ଉଦ୍ୟମ କରୁଥିବାବେଳେ ମଦ ବ୍ୟବସାୟରୁ ପ୍ରଚୁର ଲାଭ ଉଠାଇବା ଆଶା ରଖି ରାଜ୍ୟ ଭିତର ଓ ବାହାରରେ ବହୁ ବ୍ୟକ୍ତି ଏହି ଲଟେରୀ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ।

ଏବେ ଜଣାପଡୁଛି ଗୋଟିଏ ଗୋଟିଏ ମଦ ଦୋକାନ ପାଇଁ ଆବେଦନକାରୀଙ୍କ ସଂଖ୍ୟା ଢେର ଅଧିକ ରହିବାର କାରଣ । ଯେଉଁମାନେ ମଦ ଦୋକାନ ଲାଇସେନ୍ସ ପାଇଛନ୍ତି ସେମାନଙ୍କ ଭିତରୁ ଅନେକ ନିଜ ପରିବାର, ଜ୍ଞାତି ପରିଜନ ଓ ଅନ୍ୟମାନଙ୍କ ନାମରେ ବି ଆବେଦନ କରିଛନ୍ତି । ସେହିଭଳି ନୂଆ ଲାଇସେନ୍ସ ପାଇବାକୁ ଇଚ୍ଛା କରିଥିବା ବ୍ୟକ୍ତିମାନେ ମଧ୍ୟ ଭିନ୍ନଭିନ୍ନ ନାମରେ ଏକାଧିକ ଆବେଦନ କରିଛନ୍ତି । ସରକାରଙ୍କ ଲଟେରୀ ବ୍ୟବସ୍ଥା ଅନୁଯାୟୀ ଦେଶୀ ମଦ ଦୋକାନ ଲାଗି ପ୍ରତ୍ୟେକ ଆବେଦନକାରୀ ଆବେଦନ ପତ୍ର ସହ ୨ଲକ୍ଷ ଟଙ୍କା ଓ ଭାରତ ତିଆରି ବିଦେଶୀ ମଦ ଦୋକାନ ପାଇଁ ୩ଲକ୍ଷ ଟଙ୍କା କରି ଜମା ଦେଉଛନ୍ତି ।

ଏହି ଅର୍ଥ ଜମା କଲେ ଯାଇ ସେମାନଙ୍କ ଆବେଦନ ଲଟେରୀ



ପାଇଁ ଯୋଗ୍ୟ ବିବେଚିତ ହେଉଛି । ତେବେ ଗୋଟିଏ ମଦ ଦୋକାନ ପାଇଁ ହେଉଥିବା ଲଟେରୀ ଉଠାଣ ଜଣେ ଜିଣୁଥିବାବେଳେ ସ୍ଥଳ ବିଶେଷରେ ଏଥିପାଇଁ ହୋଇଥିବା ଆଉ ୧୫ରୁ ୩୦ ପର୍ଯ୍ୟନ୍ତ ଆବେଦନକାରୀଙ୍କ ନାମ ଲଟେରୀରେ ଆସୁନାହିଁ । ସର୍ତ୍ତ ମୁତାବକ ଲଟେରୀରେ ନାମ ଉଠୁ କି ନଉଠୁ ଏହି ୨ଲକ୍ଷ ଓ ୩ଲକ୍ଷ ଟଙ୍କାର ଆବେଦନ ଫିସ୍ ଫେରସ୍ତ ଦିଆଯିବ ନାହିଁ ଓ ତାହା ସରକାରୀ ତହବିଲରେ ହିଁ ରହିଯିବ । ଫଳରେ ଯେଉଁମାନଙ୍କର ଲଟେରୀ ଉଠିଛି ସେମାନଙ୍କର ଆଉ ୫/୧୦ଟି କା'ଆବେଦନ ନାମଞ୍ଜୁର ହେଲେ ବି ଦୁଃଖ ନାହିଁ । କିନ୍ତୁ ଯେଉଁମାନଙ୍କ ନାମ ଲଟେରୀରେ ଉଠୁନାହିଁ ସେମାନଙ୍କ ସଂପୂର୍ଣ୍ଣ ଅର୍ଥ ବୁଡିଯିବ।

ଏଠାରେ ଉଲ୍ଲେଖନୀୟ ଯେ ଓଡିଶାରେ ନିଶାଡିଙ୍କ ହାର ଜାତୀୟ ହାର ତୁଳନାରେ ଏମତିକି ଗୁଜରାଟ, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଦିଲ୍ଲୀ ଆଦି ବହୁ ରାଜ୍ୟ ତୁଳନାରେ ଢେର ଅଧିକା ରହୁଛି । ଓଡିଶାରେ ବି ତମାଖୁ ସେବନକାରୀଙ୍କ ହାର ଅଧିକ । ନିଶାଡିଙ୍କ ଚାହିଦା ମେଣ୍ଟାଇବା ପାଇଁ ବିପୁଳ ପରିମାଣର ଚୋରା ନିଶା କାରବାର ମଧ୍ୟ ବଳବତ୍ତର ରହିଛି । ଏ ପରିପ୍ରେକ୍ଷୀରେ ଲୋକେ ମରନ୍ତୁ ପଛେ ମଦ ବେପାରରୁ ଫାଇଦା ଉଠାଇବା ପାଇଁ କିନ୍ତୁ ବେଶ୍ ତତ୍ପରତା ଲକ୍ଷ୍ୟ କରାଯାଉଛି।

## ଆଲୁ ପୁରି’

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଚାଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଲୁ ପୁରି।



ଖବର

## ସମ୍ଭାବନାଙ୍କ ଘରକୁ ଆସିଲେ କୁନି ଗଣେଶ ଓ ଲକ୍ଷ୍ମୀ





‘ଜାଆଁଳା ସନ୍ତାନର ମା ହେଲେ ବିଗ୍ ବସ୍ ଫେମ୍ ସମ୍ଭାବନା ସେଠ୍ । ଦୀର୍ଘ ୧୦ ବର୍ଷ ଶେଷରେ ଅଭତନେତ୍ରୀଙ୍କ ଅପେକ୍ଷାର ଅନ୍ତ ଘଟିଛି। ଗୋଟିଏ ପୁଅ ଏବଂ ଗୋଟିଏ ଝିଅକୁ ତାଙ୍କ ଘରକୁ ସ୍ୱାଗତ କରିଛନ୍ତି । ସରୋଗେସି ମାଧ୍ୟମରେ ତାଙ୍କ ଜୀବନରେ ଦ୍ୱିଗୁଣିତ କରି ଦେଇଛି । ଅଭିନେତ୍ରୀ ଏହି ଖୁସି ଖବରକୁ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି । ଯେଉଁଥିରେ ଅଭିନେତ୍ରୀଙ୍କ ଆଖିରେ ଲଚହ ଦେଖିବାକୁ ମିଳିଛି । ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।ଇନଷ୍ଟାଗ୍ରାମରେ ଫଟୋ ସେୟାର କରିବା ସହିତ ସେ ଲେଖିଛନ୍ତି ଯେ, ଆମ ଘରକୁ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଆସିଛି । ତାଙ୍କ ଘରକୁ ପୁଅ ଓ ଝିଅ ଭାବେ ଗଣେଶ ଓ ଲକ୍ଷ୍ମୀ ଆସିଛନ୍ତି ବୋଲି କହିଛନ୍ତି । ଅଭିନେତ୍ରୀ ସରୋଗେସି ମାଧ୍ୟମରେ ମାଆ ହୋଇଛନ୍ତି । ମା ହେବା ପରେ ଅଭିନେତ୍ରୀ ତାଙ୍କ ସ୍ୱାମୀ ଅଭିନାଶଙ୍କ ସହ ଅପରେସନ ଥିଏଟରର ଫଟୋ ସେୟାର କରିଛନ୍ତି । ଯେଉଁଥିରେ ତାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଛି । ସମ୍ଭାବନା ସାତ କିମ୍ବା ଆଠ ଥର ଓଠର କରିଥିଲେ, କିନ୍ତୁ ପ୍ରତ୍ୟେକ ଥର ଏହା ବିଫଳ ହୋଇଥିଲା । ଅଭିନେତ୍ରୀ ଝିଅ ଚାହୁଁଥିଲେ ବୋଲି ସେ ତାଙ୍କ ପୂର୍ବ ବ୍ଲଗରେ କହିଥିଲେ । ଏବେ କିନ୍ତୁ ତାଙ୍କ ଘରକୁ ଦୁଇଟି କୁନି ଅତିଥି ଆସିଛନ୍ତି ବୋଲି ସେ କହିଛନ୍ତି ଏବଂ ଖୁସି ଖବରକୁ ସେୟାର କରିଛନ୍ତି । ଖୁସି ଖବରକୁ ସେୟାର କରିବା ପରେ ଅଭିନେତ୍ରୀଙ୍କୁ ସେଲିବ୍ରିଟି ଏବଂ ଫ୍ୟାନ୍ସ ଅଭିନନ୍ଦନ ଜଣାଉଛନ୍ତି ।ଯଦି ସେମାନଙ୍କ ପର୍ସନାଲ ଲାଇଫ୍ ବିଷୟରେ କୁହାଯାଏ ତେବେ ସେମାନେ ୨୦୨୬ ମସିହାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । କିନ୍ତୁ ବିବାହର ୧୦ ବର୍ଷ ପରେ ମଧ୍ୟ ମା ହୋଇପାରିନଥିଲେ । ଅନେକ ଥର ଓଠର କରିଥିଲେ, କିନ୍ତୁ ପ୍ରତ୍ୟେକ ଥର ବିଫଳ ହୋଇଥିଲେ। ତଥାପି, ଏଥର ସେ ସରୋଗେସି ମାଧ୍ୟମରେ ଯିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଏବେ ତାଙ୍କ ପ୍ରଶଂସକଙ୍କ ସହ ଖୁସି ଖବର ବାଣ୍ଟିଛନ୍ତି ।

## ପଞ୍ଚଦେବଙ୍କ ମଧ୍ୟରୁ ଅନ୍ୟତମ ସୂର୍ଯ୍ୟ



ପଞ୍ଚ ହିନ୍ଦୁ ଦେବଙ୍କ ମଧ୍ୟ ସୂର୍ଯ୍ୟ ହେଉଛନ୍ତି ଅନ୍ୟତମ । ସେ ଆଲୋକ ପ୍ରଦାନ କରି ସାରା ଜୀବଜଗତକୁ ଜୀବନ ପ୍ରଦାନ କରିଛନ୍ତି । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୂର୍ଯ୍ୟ ଦେବ ଋଷି କଶ୍ୟପ ଏବଂ ମାତା ଅଦିତିଙ୍କ ପୁତ୍ର । ମାତାଙ୍କ ନାମ ଅନୁସାରେ ତାଙ୍କୁ ଆଦିତ୍ୟ ନାମରେ ସମ୍ବୋଧନ କରାଯାଇଥାଏ। ସୂର୍ଯ୍ୟ ଦେବଙ୍କ ଠାରୁ ଶିକ୍ଷା ଗ୍ରହଣ କରି ହନୁମାନ ମହାଜ୍ଞାନୀ ହୋଇ ପାରିଥିଲେ । ହିନ୍ଦୁ ଧର୍ମରେ ସୂର୍ଯ୍ୟ ପୂଜାର ବିଶେଷ ମହତ୍ତ୍ୱ ରହିଛି । ପ୍ରାତଃ ସ୍ନାନ ପରେ ସୂର୍ଯ୍ୟ ଦେବଙ୍କ ପୂଜା ଅଶେଷ କଲ୍ୟାଣଦାୟୀ ହୋଇଥାଏ । ଭଗବାନ ସୂର୍ଯ୍ୟ ନାରାୟଣଙ୍କର ୨୧ଟି ପବିତ୍ର ନାମ ରହିଛି । ଏହି ନାମ ଉଚ୍ଚାରଣ କରିବା ଦ୍ୱାରା ଆୟୁ, ଶକ୍ତି, ସଫଳତା, ସମ୍ମାନ ଓ ପ୍ରତିପତି ବୃଦ୍ଧି ଘଟିଥାଏ ବୋଲି ବିଶ୍ୱାସ ରହିଛି । ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ‘ସ୍ତବରାଜ’ ଭାବେ ପ୍ରସିଦ୍ଧ ସୂର୍ଯ୍ୟ ଦେବଙ୍କ ଏହି ୨୧ଟି ନାମ ଉଚ୍ଚାରଣ କରିବା ଦ୍ୱାରା ସୂର୍ଯ୍ୟଙ୍କ କୃପାପ୍ରାପ୍ତି ସହଜ ହୋଇଥାଏ । ଏହି ନାମ ହେଉଛି : ଭାସ୍କର, ରବି, ତାପନ, ଲୋକସାକ୍ଷୀ, ଲୋକପ୍ରକାଶକ, ତପନ, ସୁଚିପବନ, ଲୋକଚକ୍ଷୁ, ଶ୍ରୀମାନ୍, ତ୍ରୀଲୋକେଶ, କର୍ତ୍ତା, ଗ୍ରହେଶ୍ୱର, ହର୍ତ୍ତା, ବ୍ରହ୍ମା, ଗଭସ୍ତିହସ୍ତ, ତମିସ୍ତ୍ରହ, ସପ୍ତଶ୍ୱବାହାନ, ବିକର୍ତ୍ତନ, ବିଭାଶ୍ୱନ, ମାର୍ତ୍ତଣ୍ଡ ସର୍ବଦେବନମସ୍କାତ୍ । ଏହି ନାମ ଜପ କଲେ ଭକ୍ତର ସମସ୍ତ ଦୁଃଖ ଦୂର ହେବାର ସହ ଅଶେଷ କଲ୍ୟାଣ ପ୍ରାପ୍ତି ହୋଇଥାଏ ।

## ଐତିହାସିକ କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର

ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିଷ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପୂର୍ତ୍ତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ୟ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ ।ବାବା ଧବଳେଶ୍ୱର ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରୁଥିବା ବିଶ୍ୱାସ ରହିଆସିଛି। ପ୍ରତିଦିନ ଏଠାରେ କେହି ନା କେହି ଜଳାଭିଷେକ, ରୁଦ୍ରାଭିଷେକ କରି ନିଜ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।



## ଶରୀରରେ ରକ୍ତ ଅଭାବକୁ ଦୂର କରେ କିସମିସ୍



ଶରୀରରେ ହେମୋଗ୍ଲୋବିନର ପରିମାଣ କମ୍ ହେଲେ, ବ୍ୟକ୍ତିକୁ ଅନେକ ରୋଗ ଘେରି ରହିଥାଏ। କିଡନୀ ସହିତ ଜଡିତ ଅଧିକାଂଶ ରୋଗ ରକ୍ତ ଅଭାବରୁ ହୋଇଥାଏ। ଯଦି ଆପଣଙ୍କ ଶରୀରରେ ମଧ୍ୟ ରକ୍ତ ଅଭାବ ଥାଏ, ତେବେ ରକ୍ତ ବଢାଇବା ପାଇଁ ଆପଣ କେବଳ ଔଷଧ ବ୍ୟବହାର କରିବା ଜରୁରୀ ନୁହେଁ । ଆପଣ କିଛି ଘରୋଇ ଉପଚାରକୁ ଆପଣେଇ ଶରୀରରେ ହେମୋଗ୍ଲୋବିନର ଅଭାବକୁ ମଧ୍ୟ ସଂପୂର୍ଣ୍ଣ କରିପାରିବେ। ଏପରି ଏକ ପ୍ରଭାବଶାଳୀ ଉପଚାର ହେଉଛି ଭିଜା ହୋଇଥିବା କିସମିସ୍। ଭିଜା ହୋଇଥିବା କିସମିସରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର ଭରପୂର ମାତ୍ରାରେ ଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ ଏବଂ ରକ୍ତହୀନତା ଦୂର ହୋଇଥାଏ। ଏଥିପାଇଁ ଆପଣ ପ୍ରତିଦିନ ରାତିରେ ୫୦ ଗ୍ରାମ କିସମିସକୁ ଭିଜାଇ ଦିଅନ୍ତୁ। ସକାଳେ ଉଠିବା ପରେ ପ୍ରଥମେ କିସମିସ୍ ପାଣି ପିଅନ୍ତୁ ଏବଂ ପରେ କିସମିସ୍ ଖାଆନ୍ତୁ। ଭିଜାଇଥିବା କିସମିସ୍ ସହିତ ଏହାର ଜଳ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ।

**ଭିଜା ହୋଇଥିବା କିସମିସ୍ ଖାଇବାର ଫାଇଦା :**

(୧): ଭିଜା ହୋଇଥିବା କିସମିସ୍ ଫାଇବରରେ ଭରପୂର ହୋଇଥାଏ, ଏହାକୁ ନିୟମିତ ଖାଇବା ଦ୍ୱାରା ହଜମ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

(୨): ଭିଜା ହୋଇଥିବା କିସମିସ୍ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏହା ଜୀବାଣୁ ଏବଂ ସଂକ୍ରମଣ ସହିତ ଲଢିବାରେ ମଧ୍ୟ ସାହାଯ୍ୟ କରିଥାଏ।

(୩): ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ ରଖିବା ପାଇଁ କ୍ୟାଲସିୟମ ଆବଶ୍ୟକ। ତେଣୁ କିସମିସ୍ ଦାନ୍ତ ଏବଂ ହାଡ ପାଇଁ ମଧ୍ୟ ଖାଇପାରିବେ। ୧୦୦ ଗ୍ରାମ୍ କିସମିସ୍ ଭିତରେ ପ୍ରାୟ ୫୦ ମିଗ୍ରା କ୍ୟାଲସିୟମ୍ ଥାଏ। ଯାହା ଆପଣଙ୍କ ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ କରିବା ପାଇଁ କାମ କରେ।

(୪): କିସମିସ୍ ଖାଇବା ଦ୍ୱାରା ପାଟିରୁ ଆସୁଥିବା ଗନ୍ଧ ମଧ୍ୟ ଦୂର ହୋଇଥାଏ।

(୪): ଯଦି ଆପଣଙ୍କର ଓଜନ ବୃଦ୍ଧି ହେଉନାହିଁ, ତେବେ ଭିଜାଇଥିବା କିସମିସ୍ ଖାଆନ୍ତୁ। ଏହାକୁ ଖାଇବା ଦ୍ୱାରା ସହଜରେ ଓଜନ ବୃଦ୍ଧି ହୋଇଥାଏ।

## ବାରମ୍ବାର ପରିସ୍ରା ଲାଗୁଛି କି !

ବୟସ୍କ ପୁରୁଷମାନଙ୍କ ଠାରେ ଗୁରୁତର ରୋଗ ହେତୁ ପ୍ରୋଷ୍ଟାଟିକ୍ ରୋଗ ସାଧାରଣ ହୁଏ। ସାମ୍ପ୍ରତିକ ଅବସ୍ଥା ଯେପରିକି ବାର୍ଦ୍ଧକ୍ୟ, ପାଣିପାଗରେ ପରିବର୍ତ୍ତନ, ଯାତ୍ରା କିମ୍ବା ବୃତ୍ତି ସହିତ ଜଡିତ ଚାପ, ବିଭିନ୍ନ ସ୍ଥାନରୁ ଜଳ ଇତ୍ୟାଦି ପ୍ରୋଷ୍ଟେଟ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଜୀବନଶୈଳୀ ଏବଂ ବୟସ ବଢ଼ିବା କାରଣରୁ ପୁରୁଷମାନଙ୍କ ଜୀବନର ଗୁଣ ବ୍ୟାହତ ହୁଏ କାରଣ ପ୍ରୋଷ୍ଟେଟ ଗ୍ରନ୍ଥିରେ ବୃଦ୍ଧି ନିମ୍ନ ମୂତ୍ରାଶୟ ଲକ୍ଷଣ ଦ୍ୱାରା ହୋଇପାରେ।

ତଥ୍ୟ ଅନୁଯାୟୀ ୪୦ ରୁ ଅଧିକ ବୟସ୍କ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୬୫% ଏହି ବିରକ୍ତିକର ଲକ୍ଷଣରେ ପୀଡିତ। ତେବେ ଏହି ରୋଗୀଙ୍କ ମଧ୍ୟରୁ ଅଧିକାଂଶ କାହିଁକି ପୀଡିତ ? ଅନ୍ୟ ଏକ କାରଣ ସୁଗାର ମଧ୍ୟ ହୋଇଥାଇ ପାରେ ।

ପ୍ରୋଷ୍ଟେଟର ଲକ୍ଷଣ: ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଳମ୍ବରେ ପହଞ୍ଚନ୍ତି। ସାଧାରଣତଃ ରୋଗୀ ରୋଗ ବିଷୟରେ କହିବାକୁ ବାରଣ କରେ କିମ୍ବା ବାର୍ଦ୍ଧକ୍ୟର ଏକ ଅପରିହାର୍ଯ୍ୟ ପରିଣାମ ଭାବରେ ଛାଡିଦିଏ, କିମ୍ବା ଶୀତଳ ପାଗ ଏବଂ ବାହ୍ୟ ପାନୀୟ ଜଳ ପରି ବାହ୍ୟ କାରଣରୁ ସେମାନେ ଯନ୍ତ୍ରଣା ଭୋଗିବାକୁ ଲାଗନ୍ତି। ନିରବରେ ସେମାନେ ଲକ୍ଷଣରୁ ଦୂରେଇ ରୁହନ୍ତି ଏବଂ ସେମାନଙ୍କର ଯନ୍ତ୍ରଣାକୁ ମୁକାବିଲା କରିବା ପାଇଁ ଆତ୍ମ-ବ୍ୟାଖ୍ୟାକାରୀ କୌଶଳ ବିକାଶ କରନ୍ତି, ଯେପର୍ଯ୍ୟନ୍ତ ସେମାନେ ସ୍ପଷ୍ଟ ଭାବରେ ଖରାପ ନ ହୁଅନ୍ତି ଏବଂ ଜଟିଳତା ସୃଷ୍ଟି ହୁଏ ।

ମୋହାଲି, ଫୋର୍ଟିସ୍ ହସ୍ପିଟାଲ୍, କନସଲଟା ୟୁରୋଲୋଜିଷ୍ଟ୍ ମନୀଷ ଅହୁଜାଙ୍କ କହିବାନୁସାରେ, ନିମ୍ନ ଲକ୍ଷଣ ଦ୍ୱାରା ଜୀବନର ଗୁଣବତ୍ତା ବାଧାପ୍ରାପ୍ତ ହୁଏ । ଲକ୍ଷଣଗୁଡିକର ଅଜ୍ଞତା ହେତୁ, ଏହିପରି ରୋଗୀ ଜଳ ଏବଂ ଅନ୍ୟ ଏକ ତରଳ ପଦାର୍ଥକୁ ସୀମିତ ରଖିବା ଆରମ୍ଭ କରନ୍ତି। ସେମାନେ ମଧ୍ୟ ସେମାନଙ୍କର ପରିସ୍ରା ବିଷୟରେ ସଚେତନ ହୁଅନ୍ତି, ଯଥା ବାହାରେ ଦୀର୍ଘ ଯାତ୍ରା କରିବା ପୂର୍ବରୁ ପରିସ୍ରା କରିବା, ଶୌଚାଳୟ ସ୍ଥାନ ଉପରେ ନଜର ରଖିବା, ଦୂର ଦୂରାନ୍ତର ଯାତ୍ରା ଠାରୁ ଦୂରେଇ ରହିବା।

ସାମାନ୍ୟ ବର୍ଦ୍ଧିତ ପ୍ରୋଷ୍ଟେଟ ଥିବା କେତେକ ପୁରୁଷଙ୍କ ଉଲ୍ଲେଖନୀୟ ଲକ୍ଷଣ ଥାଇପାରେ, ଯେତେବେଳେ ପ୍ରୋଷ୍ଟେଟ ବୃଦ୍ଧି ପାଇଥିବା ଅନ୍ୟ ପୁରୁଷମାନଙ୍କର ସାମାନ୍ୟ ମୂତ୍ରାଶୟ ଲକ୍ଷଣ ଥାଇପାରେ। ଏହା ଧ୍ୟାନ ଦେବା ଜରୁରୀ ଯେ ପ୍ରୋଷ୍ଟେଟର ଆକାର ଆପଣଙ୍କ ଲକ୍ଷଣର ଗମ୍ଭୀରତା ନିର୍ଣ୍ଣୟ କରେ ନାହିଁ। ଯଦି ଏହାର ଚିକିତ୍ସା କରା ନ ଯାଏ, ତାହା ମୂତ୍ର ନଳୀରେ ବାଧା ସୃଷ୍ଟି କରିପାରେ ଏବଂ ଏହା ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଆପଣ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ ଏବଂ ଏହି ସମସ୍ୟା ଦ୍ୱାରା ଲଜ୍ଜିତ ନହେବା ପାଇଁ ପରାମର୍ଶ ଦିଆଯାଇଛି। ତୁମର ବୟସ, ସ୍ୱାସ୍ଥ୍ୟ ଏବଂ ଅବସ୍ଥା ଉପରେ ଆଧାର କରି ଡାକ୍ତର ଆପଣଙ୍କ ଯତ୍ନ ନେବାରେ ସାହାଯ୍ୟ କରିପାରିବେ।

ଅଧିକ ପରିସ୍ରା ଲାଗୁଥିଲେ ହୋଇପାରେ ଏହି ରୋଗ :

ଏହାର ଲକ୍ଷଣ (ବେନିନ୍ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ) ଉତ୍ତମ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ। ଏକ ମିଶ୍ରଣ ଶାରୀରିକ, ରେଡିଓଗ୍ରାଫିକ୍ ପରୀକ୍ଷଣ ଏବଂ କିଛି ଲାବୋରେଟୋରୀ ପରୀକ୍ଷଣର ପରିସ୍ରା ନିର୍ଣ୍ଣୟ କରେ। ଶାରୀରିକ ପରୀକ୍ଷଣରେ ଏକ ଡିଜିଟାଲ୍ ରେକ୍ଟାଲ୍ ପରୀକ୍ଷଣ ଥାଏ, ଯେଉଁଥିରେ ବିଶେଷଜ୍ଞ ୟୁରୋଲୋଜିଷ୍ଟଙ୍କ ଦ୍ୱାରା ପ୍ରୋଷ୍ଟେଟର ଶାରୀରିକ ଯାଞ୍ଚ ଅନ୍ତର୍ଭୁକ୍ତ। ପ୍ରୋଷ୍ଟେଟ ଗ୍ରନ୍ଥିର ଆକାର ମାପିବା ପାଇଁ ପେଟ ଏବଂ ପେଲଭିକ ଅଲଟ୍ରାସାଉଣ୍ଡ ବ୍ୟବହୃତ ହୁଏ। ଲ୍ୟାବ ପରୀକ୍ଷଣରେ ପ୍ରୋଷ୍ଟେଟ-ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ସ ଅନ୍ତର୍ଭୁକ୍ତ। ଯେତେବେଳେ ପ୍ରୋଷ୍ଟେଟ୍ ସୁସ୍ଥ ଥାଏ, ରକ୍ତରେ ଏକ ଛୋଟ ପ୍ରୋଷ୍ଟେଟ୍ ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ ମିଳିଥାଏ।

# ସହରୀ ଯୋଜନା କ୍ଷମତାର ସୁଦୃଢ଼ୀକରଣ ବୈଠକ

ଭୁବନେଶ୍ୱର,୪।୬ (ମହାଭାରତ): ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' ଓଡ଼ିଶା ଶାଖା ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତାବ ଦିଆଯାଇଛି। ଏଥିରେ ବୃତିଗତ ନଗର ଯୋଜନାବିତ (ଟାଉନ୍ ପ୍ଲାନର) ମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ନଗର ଯୋଜନା ନିର୍ଦ୍ଦେଶକ ଶତ୍ରୁଘ୍ନ କର, ଆଇ.ଟି.ପି.ଆଇ. ଓଡ଼ିଶା ଶାଖାର ପ୍ରତିନିଧି ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଇ.ଟି.ପି.ଆଇ. ପକ୍ଷରୁ ରାଜ୍ୟରେ ଯୋଗ୍ୟତାସମ୍ପନ୍ନ ଟାଉନ୍ ପ୍ଲାନରଙ୍କର ବଡ଼ ଅଭାବ ଥିବା ନେଇ ଦର୍ଶାଯାଇଛି। ନୀତି ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଯୋଜନା ମାନଦଣ୍ଡ ଅନୁଯାୟୀ, ଓଡ଼ିଶାର ସହରୀ ବିକାଶକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରାୟ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ଆବଶ୍ୟକତା ରହିଛି। ଅନେକ ବିକାଶ ମଧ୍ୟ ନିୟମିତ ଟାଉନ୍ ପ୍ଲାନରଙ୍କ ବିନା କାର୍ଯ୍ୟ କରୁଛନ୍ତି, ଏବଂ ଅନେକ ସହରୀ ସ୍ଥାନୀୟ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଓ ବୈଧାନିକ ଯୋଜନା କାର୍ଯ୍ୟ ପାଇଁ ଅସ୍ଥାୟୀ ଚୁକ୍ତିଭିତିକ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି। ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସହରୀ ଯୋଜନା ଏକ ଉଚ୍ଚ ବିଶେଷଜ୍ଞତା ସମ୍ପନ୍ନ ଓ ବହୁମୁଖୀ ବୃତି, ଯେଉଁଥିରେ ଜମି ବ୍ୟବହାର ଯୋଜନା, ଭିତିଭୂମି ବିକାଶ, ଗୃହ ନିର୍ମାଣ, ପରିବହନ, ପରିବେଶ ପରିଚାଳନା, ଅର୍ଥନୈତିକ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଅନ୍ତର୍ଭୁକ୍ତ। ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ ନବୀକରଣ, ଜମି ପୁଲିଂ ମାଧ୍ୟମରେ ନଗର ଯୋଜନା ସ୍କିମ୍ କାର୍ଯ୍ୟକାରୀ କରିବା, ଶସ୍ତା ଗୃହ ନିର୍ମାଣକୁ ସହଜ କରିବା, ପୁନଃବିକାଶ ଯୋଜନା ମାଧ୍ୟମରେ ପୁରୁଣା ସହରୀ ଅଞ୍ଚଳର କାୟାକଳ୍ପ କରିବା ଏବଂ ବ୍ୟବସାୟିକ ସହଜତା ବୃଦ୍ଧି ପାଇଁ ବିଲ୍ଡିଂ ଅନୁମୋଦନ ବ୍ୟବସ୍ଥାରେ ସୁଧାର ଆଣିବାରେ ବୃତିଗତ ପ୍ଲାନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।



ଏହି ମାନବ ସମ୍ବଳ ଅଭାବକୁ ଦୂର କରିବା ପାଇଁ ଆଇ.ଟି.ପି.ଆଇ. ରାଜ୍ୟର ବିଭିନ୍ନ ସହରୀ ଉନ୍ନୟନ ସଂସ୍ଥାନରେ ୪୭୦ ଜଣ ଟାଉନ୍ ପ୍ଲାନରଙ୍କୁ ସୁଚିନ୍ତିତ ଭାବେ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବରେ ନଗର ଯୋଜନା ନିର୍ଦ୍ଦେଶାଳୟ, ବିକାଶ କର୍ତୃପକ୍ଷ, ପୌର ପ୍ରଶାସନ ନିର୍ଦ୍ଦେଶାଳୟ, ସୁଡା , ,ଉଟଉଇ ଏବଂ ସହରୀ ଭିତିଭୂମି ଓ ଆଂଚଳିକ ବିକାଶରେ ନିୟୋଜିତ ଅନ୍ୟାନ୍ୟ ପ୍ରମୁଖ ବିଭାଗ ତଥା ସରକାରୀ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ସାମିଲ ରହିଛି।

ବୈଠକରେ ଓଡ଼ିଶାରେ ବୃଦ୍ଧି ପାଉଥିବା ଯୋଜନା ବୃତ୍ତିଧାରୀଙ୍କ ସଂଖ୍ୟା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ୨୦୧୫ ମସିହାରୁ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ବ୍ୟାଚେଲର୍ ଅଫ୍ ପ୍ଲାନିଂ ଏବଂ ମାଷ୍ଟର ଅଫ୍ ପ୍ଲାନିଂ ପାଠ୍ୟକ୍ରମ ଆରମ୍ଭ ହେବା ପରଠାରୁ ରାଜ୍ୟ ବହୁ ସଂଖ୍ୟାରେ ଯୋଗ୍ୟତାସମ୍ପନ୍ନ ପ୍ଲାନିଂ ଗ୍ରାଜୁଏଟ୍ ସୃଷ୍ଟି କରିଛି। ଏହା ବ୍ୟତୀତ ଆଇ.ଆଇ.ଟି , ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଚର ଏବଂ ସେପ୍ଟ ବିଶ୍ୱବିଦ୍ୟାଳୟ ଭଳି ଦେଶର ପ୍ରମୁଖ ଜାତୀୟ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଭାମାନେ ମଧ୍ୟ ଓଡ଼ିଶାର ସହରୀ ରୂପାନ୍ତରଣ କାର୍ଯ୍ୟସୂଚୀରେ ଅବଦାନ ଦେବା ପାଇଁ ଉପଲବ୍ଧ ଅଛନ୍ତି।

ଏହି ପ୍ରତିଭାମାନଙ୍କର ସଠିକ୍ ଉପଯୋଗ କରିବା ଏବଂ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ 'ସମୃଦ୍ଧ ସହର' କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ପ୍ରମୁଖ ସହରୀ ବିକାଶ ଯୋଜନାଗୁଡ଼ିକୁ ସଫଳ କରିବା ପାଇଁ ପ୍ରମୁଖ ସହରୀ ସଂସ୍ଥାନଗୁଡ଼ିକରେ ତୁରନ୍ତ 'ଅସିଷ୍ଟାଂଟ ଟାଉନ୍ ପ୍ଲାନର' ନିଯୁକ୍ତି କରିବାକୁ ଆଇ.ଟି.ପି.ଆଇ. ସୁପାରିଶ କରିଛି। ଏହାସହ ଅନ୍ୟାନ୍ୟ ବୃତିଗତ ରାଜ୍ୟ ସେବା ଭଳି ଏକ ସ୍ୱତନ୍ତ୍ର 'ଓଡ଼ିଶା ଟାଉନ୍ ପ୍ଲାନିଂ ସର୍ଭିସ୍' କ୍ୟାଡର ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ଲାନିଂ ବୃତିଧାରୀଙ୍କ ପାଇଁ ସମାନ ନିଯୁକ୍ତି ନିୟମ ଓ ସେବା ସର୍ତ୍ତାବଳୀ ପ୍ରସ୍ତୁତ କରିବାକୁ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ପାଇଁ ଆହ୍ୱାନ ଦିଆଯାଇଛି।

# ରାୟଗଡ଼ା ଡିଭିଜନର କାର୍ଯ୍ୟାରମ୍ଭ

ଭୁବନେଶ୍ୱର,୪।୬ (ମହାଭାରତ): ପୂର୍ବତଟ ରେଳପଥର ନବଗଠିତ ରାୟଗଡ଼ା ରେଳ ଡିଭିଜନ୍ ସୋମବାର ଠା ରୁ କାର୍ଯ୍ୟକ୍ଷମ ହୋଇଛି।

ଡିଭିଜନ କାର୍ଯ୍ୟକ୍ଷମ ହେବା ସହିତ, ସମସ୍ତ ନିର୍ଦ୍ଧାରିତ ପ୍ରଶାସନିକ, ପରିଚାଳନାଗତ ଏବଂ ବୈଷୟିକ କାର୍ଯ୍ୟଗୁଡ଼ିକୁ ନୂତନ ଡିଭିଜନାଲ୍ ବ୍ୟବସ୍ଥା ଦ୍ୱାରା ବିଧିବଦ୍ଧ ଭାବରେ ଗ୍ରହଣ କରାଯାଇଛି। ଟ୍ରେନ୍ କଂଟ୍ରୋଲ୍ ଅଫିସ୍, କଂଟ୍ରୋଲ୍ ବୋର୍ଡ ଏବଂ ଆନୁଷଙ୍ଗିକ ପରିଚାଳନା ତଦାରଖ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି, ଯାହା ଡିଭିଜନର ଅଧିକାର କ୍ଷେତ୍ର ମଧ୍ୟରେ ଟ୍ରେନ୍ ଚଳାଚଳର ସ୍ୱାଧୀନ ନିୟନ୍ତ୍ରଣ ଏବଂ ପରିଚାଳନା ସମ୍ଭବ ହୋଇପାରିବ। ମୂଳ ଡିଭିଜନ ଗୁଡ଼ିକରୁ ପରିଚାଳନାଗତ, ବୈଷୟିକ ଏବଂ ପ୍ରଶାସନିକ ଦାୟିତ୍ୱ ଗୁଡ଼ିକର ହସ୍ତାନ୍ତର ସୁରୁଖୁରୁରେ ସମ୍ପନ୍ନ ହୋଇଛି।

ଏହି ଡିଭିଜନର ନେତୃତ୍ୱ ନେଉଛନ୍ତି ଅମିତାଭ ସିଂଘଲ, ଯିଏକି ୧୯୯୫ ବ୍ୟାଚର ଜଣେ ଇଣ୍ଡିଆନ୍ ରେଲୱେ ସର୍ଭିସ୍ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ସ ଅଧିକାରୀ ଏବଂ ଏନ୍ଆଇଟି ତିରୁଚିରାପଲ୍ଲୀରୁ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଛନ୍ତି। ତାଙ୍କର ଉଲ୍ଲେଖନୀୟ ରେଳ କ୍ୟାରିୟର ମଧ୍ୟରେ, ସେ ବନ୍ଦେ ଭାରତ ଏକ୍ସପ୍ରେସ୍ (ଟ୍ରେନ୍-୧୮) ପ୍ରକଳ୍ପ ସମେତ ଅନେକ ପ୍ରମୁଖ ରୋଲିଂ ଷ୍ଟକ୍ ପଦକ୍ଷେପ ସହିତ ଜଡ଼ିତ ରହିଛନ୍ତି। ଭାରତୀୟ ରେଳବାଇରେ ତାଙ୍କର ବୃତିଗତ ଉତ୍କର୍ଷତା ଏବଂ ଅବଦାନ ପାଇଁ ସେ ବିଭିନ୍ନ ପୁରସ୍କାର ଏବଂ ସ୍ୱୀକୃତିରେ ସମ୍ମାନିତ ମଧ୍ୟ ହୋଇଛନ୍ତି। ସେ ସମଗ୍ର ଅଂଚଳରେ ପରିଚାଳନା, ଭିତିଭୂମି ବିକାଶ ଏବଂ ସେବା ପ୍ରଦାନକୁ ସୁଦୃଢ଼ କରିବାରେ ଅଧିକାରୀ ତଥା ରେଳ କର୍ମଚାରୀଙ୍କ ସହଯୋଗରେ ଏହି ନୂତନ ଡିଭିଜନର ନେତୃତ୍ୱ ନେବେ।

ରାୟଗଡ଼ା ଡିଭିଜନର ପ୍ରତିଷ୍ଠା ରେଳ ପ୍ରଶାସନକୁ ଫିଲ୍ଡ ୟୁନିଟ୍ ଏବଂ ଅପରେସନାଲ୍ ସେଂଟରଗୁଡ଼ିକର ଅଧିକ ନିକଟତର କରିଛି, ଯାହା ଦ୍ରୁତ ନିଷ୍ପତି ଗ୍ରହଣ, ଟ୍ରେନ୍ ଚଳାଚଳର ଉନ୍ନତ ତଦାରଖ, ଉନ୍ନତ ସମ୍ପତି ପରିଚାଳନା ଏବଂ ରାଜ୍ୟ ସରକାରୀ ସଂସ୍ଥା, ଶିଳ୍ପ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ ଅଧିକ ପ୍ରଭାବଶାଳୀ ସମନ୍ୱୟକୁ ସହଜ କରିବ।

# ପିଏମ୍ ଗତିଶକ୍ତି ପୋର୍ଟାଲର କାର୍ଯ୍ୟକାରିତା ସମୀକ୍ଷା

ଭୁବନେଶ୍ୱର,୪।୬ (ମହାଭାରତ): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଭିତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟ ଅବଧି ମଧ୍ୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେଯେ ଭିତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଓ ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ ।

ବୈଠକରେ ରାଜ୍ୟରେ କାର୍ଯ୍ୟକାରି ହେବାକୁ ଥିବା ବିଭିନ୍ନ ଭିତିଭୂମି ପ୍ରକଳ୍ପ, ସଡ଼କ ସରଂଚନା ବହୁମୁଖୀ ସଂଯୋଗ ବ୍ୟବସ୍ଥାର ବିକାଶ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହା ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆଗାମୀ ଓଡ଼ିଶା ଗସ୍ତ ଅବସରରେ ନୂତନ ଭିତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା।

ବୈଠକରେ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ. କେ. ପାଢୀ, ଅର୍ଥ ପରାମର୍ଶଦାତା ଶ୍ରୀ ରତିକାନ୍ତ ମହାପାତ୍ର, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ, ପ୍ଲାନିଂ ଓ କୋର୍ଡିନେସନ ଇଂ ସମୀର ହୋତା, ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଶିବବ୍ରତ ତରିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୮ ଟଙ୍କା ରୁ ୧୮ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୪।୬ (ମହାଭାରତ): ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି'ର ଉନ୍ମୋଚନ କରିଛନ୍ତି। ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି।

ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି। ଫଳସ୍ୱରୂପ, ବର୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ। ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ।



ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟ୍ ରୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ।

ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଶିଶୁର ସାମଗ୍ରିକ ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ବହିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର ଏବଂ ତାର ଯତ୍ନ ବିଷୟରେ ବୁଝାଇ ଦିଆଯାଇଛି। ଅଙ୍ଗନବାଡି ଦିଦିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହି ଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ। ଏଥି ସହିତ ସମସ୍ତ ହିତାଧିକାରୀଙ୍କ ପାଖରେ ଏହି ଡିଜିଟାଲ ବହିଟିକୁ ରାଜ୍ୟର ସମସ୍ତ ଅଙ୍ଗନବାଡି କର୍ମୀଙ୍କ ମାଧ୍ୟମରେ ଓ ସୋସିଆଲ ମେଡିଆ ଦ୍ୱାରା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି। ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି, ପ୍ରତ୍ୟେକ ମାତା-ପିତା ଓ ପରିବାର ସଦସ୍ୟ ଏହାକୁ ପଢ଼ି ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ରାଜ୍ୟରେ ଏକ 'ସୁସ୍ଥ ମା' – ସୁସ୍ଥ ଶିଶୁ – ସୁସ୍ଥ ପରିବାର' ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନିସା ବାନାର୍ଜୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ଓଏଫଏସ , ଓଟିଆଣ୍ଡଏଏସ କ୍ୟାଡର ଶିକ୍ଷାନବୀଶ ଅଧିକାରୀ

ଭୁବନେଶ୍ୱର,୪।୬ (ମହାଭାରତ): କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ପ୍ରାଞ୍ଜଳ ଭାବେ ବୁଝି ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ୨୦୨୩ ବ୍ୟାଚର ଓଡିଶା ଅର୍ଥ ସେବା (ଓଏଫଏସ) ଏବଂ ଓଡିଶା କର ଏବଂ ହିସାବ ସେବା (ଓଟିଆଣ୍ଡଏଏସ) ର ଶିକ୍ଷାନବୀଶ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନ (ଏମଡିଆରଏଏଫଏମ)ର ୨୦୨୩ ବ୍ୟାଚର ଓଏଫଏସ ଏବଂ ଓଟିଆଣ୍ଡଏଏସ ଶିକ୍ଷାନବୀଶଙ୍କ ସହିତ ଭାବ ବିନିମୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଶକ୍ତି ଆମଦାନୀ ଉପରେ ନିର୍ଭରଶୀଳତାରୁ ଉପୁଜିଥିବା ବିଦେଶୀ ମୁଦ୍ରା ଚାପ ସମେତ ଦେଖା ଯାଇଥିବା ଜାତୀୟ ଆର୍ଥିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟପାଳ କହିଥିଲେ ଯେ ଶିକ୍ଷାନବୀଶ ଅଧିକାରୀମାନେ ନୀତିଗତ ଉଦ୍ଦେଶ୍ୟ ଏବଂ ତୃଣମୂଳସ୍ତରୀୟ ବାସ୍ତବତା ଉଭୟକୁ ବୁଝିବା ଉଚିତ ଯାହା ଦ୍ୱାରା ସରକାରୀ ଯୋଜନାଗୁଡ଼ିକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯାଇପାରିବ ଏବଂ ଏହାର ଲାଭ ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଖରେ ପହଂଚିପାରିବ। ଭୂରାଜନୈତିକ ଉତେଜନାର ପ୍ରଭାବ ଜନିତ ବର୍ତମାନର ଆର୍ଥିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ପଶ୍ଚିମ ଏସିଆରୁ ଅଶୋଧିତ ତୈଳ ଆମଦାନୀ ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଆଲୋକପାତ କରିଥିଲେ। ଭାରତ ଅଶୋଧିତ ତୈଳ ଆମଦାନୀ ଉପରେ ପ୍ରଚୁର ପରିମାଣର ବୈଦେଶିକ ମୁଦ୍ରା ଖର୍ଚ୍ଚ କରେ ଓ ଏ ଦିଗରେ ସାଧାରଣ ଆଚରଣରେ ଛୋଟ ପରିବର୍ତନ ମଧ୍ୟ ଅର୍ଥନୀତି ଉପରେ ଚାପ ହ୍ରାସ କରିବାରେ ସାହାଯ୍ୟ କରିପାରିବ ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଥିଲେ।

ପେଟ୍ରୋଲ ଏବଂ ଡିଜେଲ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଜଣାଇବା ସହିତ କ୍ରମଶଃ ଭାବେ ବୈଦ୍ୟୁତିକ ଯାନବାହନ ବ୍ୟବହାରକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ। ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ରାଜ୍ୟପାଳଙ୍କ କାରକେଡରେ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ଧରି ବୈଦ୍ୟୁତିକ ଯାନବାହନ ବ୍ୟବହୃତ ହେଉଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଏବଂ ଇଭି ଚାର୍ଜିଂ ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଛାତ ଉପରେ ସୌର ପ୍ରଣାଳୀର ସମ୍ଭାବନାକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ବୈଦ୍ୟୁତିକ ଗତିଶୀଳତାର ଅଭିବୃଦ୍ଧି ସ୍ୱଚ୍ଛ ଶକ୍ତି ଉତ୍ପାଦନ ସହିତ ସମନ୍ୱୟରେ ଯିବା ଉଚିତ। କିଛି ଇଚ୍ଛାଧିନ ଖର୍ଚ୍ଚ ଅଭ୍ୟାସରେ ମିତବ୍ୟୟିତା ଅବଲମ୍ବନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ସୁନା କ୍ରୟକୁ ସ୍ଥଗିତ ରଖିବା ଏବଂ କିଛି ସମୟ ପାଇଁ ବିଦେଶ ଯାତ୍ରା ହ୍ରାସ କରିବା ଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ କମ ହୋଇପାରିବ। ଆର୍ଥିକ ସ୍ଥିରତାକୁ ସମର୍ଥନ କରିବା ପାଇଁ ବ୍ୟାପକ ପ୍ରୟାସର ଅଂଶ ଭାବରେ ରନ୍ଧନ ତୈଳ ବ୍ୟବହାର ହ୍ରାସ କରିବା ବିଷୟରେ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଉପସ୍ଥିତ ଅଧିକାରୀମାନଙ୍କୁ ପିଏମଏସବିୱାଇ, ପିଏମଯେଯେବିୱାଇ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ପ୍ରମୁଖ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ବିସ୍ତୃତ ଭାବରେ ଅଧ୍ୟୟନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ଓ ଏ ଦିଗରେ ପ୍ରଭାବଶାଳୀ ସାର୍ବଜନୀନ ସେବା ପ୍ରଦାନ ପାଇଁ ଉପଯୁକ୍ତ ଜ୍ଞାନ ଜରୁରୀ ବୋଲି ରାଜ୍ୟପାଳ କହିଥିଲେ । ଯୋଗ୍ୟ ଅଧିକାରୀମାନଙ୍କୁ ପ୍ରଯୁଜ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ବ୍ୟକ୍ତିଗତ ଭାବରେ ଶିକ୍ଷାନବୀଶ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ନେକ୍ସସ ଏସପ୍ଲାନେଡ଼ ସହିତ "ୱଣ୍ଡର ଲ୍ୟାବ୍ସ"

ଭୁବନେଶ୍ୱର,୪।୬ (ମହାଭାରତ): ନେକ୍ସସ ଏସପ୍ଲାନେଡରେ ଆସନ୍ତା ଜୁନ ୦୩ ତାରିଖରୁ ପିଲାମାନଙ୍କ ମଧ୍ୟରେ କୌତୁହଳ, ସୃଜନଶୀଳତା ଏବଂ ଶିଖିବାର ଆଗ୍ରହ ଜାଗ୍ରତ କରିବା ପାଇଁ ଏକ ଆକର୍ଷଣୀୟ ବିଜ୍ଞାନ କାର୍ଯ୍ୟକଳାପ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାର ଘୋଷଣା କରିବାକୁ ଯାଉଛି। କିଙ୍ଗଡ଼ମ ଅଫ ଜୟର ସହଯୋଗରେ ଆୟୋଜିତ ଏହି ଅଭିନବ ପ୍ରୟାସ ମାଧ୍ୟମରେ ୨୧ରୁ ଅଧିକ ରୋମାଞ୍ଚକର ଓ ପ୍ରତ୍ୟକ୍ଷ ବିଜ୍ଞାନ ପରୀକ୍ଷଣ ଏଠାକୁ ଅଣାଯାଉଛି, ଯାହା ଶିଶୁମାନଙ୍କୁ ଆନନ୍ଦ ଏବଂ ଆବିଷ୍କାରର ଏକ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରିବ।

ବିଭିନ୍ନ ବୟସର ପିଲାମାନଙ୍କୁ ଆକୃଷ୍ଟ କରିବା ଏବଂ ବିଜ୍ଞାନର ବିଭିନ୍ନ ବିଷୟବସ୍ତୁକୁ ସହଜରେ ବୁଝାଇବା ପାଇଁ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏଠାରେ ଯୁବ ବୈଜ୍ଞାନିକମାନେ ପେଞ୍ଚ ଇନଷ୍ଟୁ ବବ୍‌ଲ୍ସ ମାଧ୍ୟମରେ ରଙ୍ଗୀନ କଳା ସୃଷ୍ଟି କରିପାରିବେ, ବେକିଙ୍ଗ ସୋଢ଼ା ଆଗ୍ନେୟଗିରିର ନାଟକୀୟ ବିସ୍ଫୋରଣ ଦେଖିପାରିବେ ଏବଂ ଚ଼ମକୁ ଥିବା ବୋରାକ୍ସ କ୍ରିଷ୍ଟାଲ ତିଆରି କରିପାରିବେ। ଏହି କାର୍ଯ୍ୟକ୍ରମରେ ଫାୟାରୱାକ୍ସ ଇନ ୱାଟର, ମ୍ୟାଜିକ୍ ଇଙ୍କ, ମ୍ୟାଜିକ୍ ବେଲୁନ ଏକ୍ସପେରିମେଣ୍ଟ ଏବଂ ସବୁବେଳେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା କ୍ୟାଣ୍ଡେଲ ଆଣ୍ଡ ୱାଟର ଏକ୍ସପେରିମେଣ୍ଟ ମଧ୍ୟ ସାମିଲ ରହିଛି। ଏହା ସହିତ ପିଲାମାନେ ଚ଼ିଆ ସିଡ୍ସ ଅନ ପୋଟାଟୋ ଏବଂ ସିଡ୍ସ ବମ୍ବସ ମାଧ୍ୟମରେ ଜୀବବିଜ୍ଞାନର ଚ଼ମତ୍କାରୀ କଳାର ଉଦ୍ଭାବନକୁ ମଧ୍ୟ ବୁଝିପାରିବେ, ସେମାନେ ନିଜେ ସୁଗନ୍ଧିତ ପଥର ଓ ସାବୁନ ପ୍ରସ୍ତୁତ କରିବା ସହ ଘନତ୍ୱ ପରୀକ୍ଷଣ ଏବଂ ଏୟାର ଫ୍ଲୋଟିଙ୍ଗ ବଲ ଟୟ ମାଧ୍ୟମରେ ପଦାର୍ଥ ବିଜ୍ଞାନର ଅନୁଭୂତି ନେଇପାରିବେ। ଅଧିକ ରୋମାଞ୍ଚକର ପ୍ରଦର୍ଶନୀ ମଧ୍ୟରେ ଡ୍ରାଏ ଆଇସ, ଫାୟାର ଇନ ଏ ବଟଲ, ଲିକ୍ ପ୍ରୁଫ୍ ବ୍ୟାଗ, ମ୍ୟାଜିକ୍ ଟିସୁ ପେପର ଫ୍ଲାୱାର୍ସ ଏବଂ ସବୁଠାରୁ ଲୋକପ୍ରିୟ ହୋଲ୍ଡ ଫାୟାର ୱିଦାଉଟ୍ ଫିୟର ଅର୍ଥାତ୍ ଭୟ ବିନା ନିଆଁକୁ ହାତରେ ଧରିବାର ପ୍ରଦର୍ଶନ କରାଯିବ। ପିଲାମାନଙ୍କର ସୁରକ୍ଷା, ସକ୍ରିୟ ଅଂଶଗ୍ରହଣ ଏବଂ ସର୍ବାଧିକ ମନୋରଞ୍ଜନକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପରୀକ୍ଷଣ ତାଲିମପ୍ରାପ୍ତ ମାର୍ଗଦର୍ଶକମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି କାର୍ଯ୍ୟକ୍ରମ ସମାଜ ସହ ଯୋଡ଼ି ହେବା ଏବଂ ପରିବାରମାନଙ୍କୁ ଏକ ସମୃଦ୍ଧ ଅନୁଭୂତି ପ୍ରଦାନ କରିବା ପାଇଁ ନେକ୍ସସ ଏସପ୍ଲାନେଡ଼ର ନିରନ୍ତର ପ୍ରୟାସକୁ ପ୍ରଦର୍ଶିତ କରୁଛି। ମଲରେ ଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକଳାପ ଜୋନକୁ ପରିଦର୍ଶନ କରି ଏହି ଅନନ୍ୟ ବିଜ୍ଞାନ ମହୋତ୍ସବରେ ଭାଗ ନେବା ପାଇଁ ସମସ୍ତ ପିତାମାତା ଓ ପିଲାମାନଙ୍କୁ ନିମନ୍ତ୍ରଣ କରାଯାଇଛି।

# ରଣବୀର ସିଂହଙ୍କ ଦ୍ୱାରା ଏବିଡ଼ି ମାଏଷ୍ଟ୍ରୋ ଓଡ଼ିଶା ବଜାରରେ ଶୁଭାରମ୍ଭ

ଭୁବନେଶ୍ୱର,୪।୬ (ମହାଭାରତ): ଏବିଡ଼ି ମାଏଷ୍ଟ୍ରୋ ପ୍ରାଇଭେଟ ଲିମିଟେଡ଼, ଆଲାଇଡ଼ ବ୍ଲେଣ୍ଡର୍ସ ଆଣ୍ଡ ଡ଼ିଷ୍ଟିଲର୍ସ ଲିମିଟେଡ଼ (ଏବିଡ଼ି)ର ଯାହାକି ସୁପର ପ୍ରିମିୟମ ଏବଂ ଲକ୍ସୁରି ସ୍ପିରିଟ୍ସର ସହଯୋଗୀ କମ୍ପାନୀ, ଆଜି ଭୁବନେଶ୍ୱର ଠାରେ ଏଓଡ଼ିଏଚ୍ ଆଇରିସ୍ ହ୍ୱିସ୍କି, ଉଡ୍‌ବର୍ଣ୍ଡସ ଇଣ୍ଡିଆନ ମାଲ୍ଟ, ୟେଲୋ ଡ଼ିଜାଇନର ହ୍ୱିସ୍କି ଏବଂ ରଙ୍ଗିଲା କଣ୍ଟେମ୍ପୋରାରୀ ଇଣ୍ଡିଆନ୍ ଭୋଡ଼କାର ଶୁଭାରମ୍ଭ ସହିତ ଓଡ଼ିଶା ବଜାରରେ ନିଜର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଏହି ଶୁଭାରମ୍ଭ ଏବିଡ଼ି ମାଏଷ୍ଟ୍ରୋର ରଣନୀତିକ ବଜାର ସମ୍ପ୍ରସାରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି, ଯାହା ଉଚ୍ଚ ସମ୍ଭାବନା ବିଶିଷ୍ଟ ବଜାର ଗୁଡ଼ିକରେ କମ୍ପାନୀର ଉପସ୍ଥିତିକୁ ଅଧିକ ମଜବୁତ କରୁଛି। ଏହି ପଦକ୍ଷେପ କ୍ରମାଗତ ଭାବେ ପରିବର୍ତ୍ତିତ ଭାରତୀୟ ଗ୍ରାହକମାନଙ୍କ ପାଇଁ ସାଂସ୍କୃତିକ ଭାବେ ଗ୍ରହଣୀୟ ଏବଂ ଭବିଷ୍ୟତ-ମୁଖୀ ପ୍ରିମିୟମ ସ୍ପିରିଟର ଏକ ପୋର୍ଟଫୋଲିଓ ପ୍ରସ୍ତୁତ କରିବା ପାଇଁ କମ୍ପାନୀର ଦୂରଦୃଷ୍ଟିକୁ ପ୍ରତିଫଳିତ କରେ। ସୁପରଷ୍ଟାର ଅଭିନେତା ତଥା ଉଦ୍ୟୋଗୀ ରଣବୀର ସିଂହ ଏହାର ସହ-ପ୍ରତିଷ୍ଠାତା ଏବଂ କ୍ରିଏଟିଭ ପାର୍ଟନର (ସୃଜନଶୀଳ ସହଯୋଗୀ) ଭାବରେ ରହିଥିବାରୁ, ଏବିଡ଼ି ମାଏଷ୍ଟ୍ରୋ ଆଧୁନିକ ବିଳାସିତା କ୍ଷେତ୍ରକୁ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରୁଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ଏଭଳି ବ୍ରାଣ୍ଡ ପ୍ରଦାନ କରିବା, ଯାହା ଉତ୍କୃଷ୍ଟ କାରୁକାର୍ଯ୍ୟରେ ସମୃଦ୍ଧ ହେବା ସହ ଏକ ସ୍ପଷ୍ଟ ଏବଂ ପ୍ରାମାଣିକ କାହାଣୀ ବହନ କରୁଥିବ। ଓଡ଼ିଶାରେ ଉପଲବ୍ଧ ହେଉଥିବା ଏବିଡ଼ି ମାଏଷ୍ଟ୍ରୋ ପୋର୍ଟଫୋଲିଓ ଚାରୋଟି ଭିନ୍ନ ବ୍ରାଣ୍ଡକୁ ଏକତ୍ରିତ କରିଛି, ଯାହାର ପ୍ରତ୍ୟେକର ଏକ ସ୍ୱତନ୍ତ୍ର ପରିଚ଼ୟ ରହିଛି। ଏଓଡ଼ିଏଚ୍ ଆଇରିସ ହ୍ୱିସ୍କି –ଏହା ତିନିଥର ପରିଶୋଧନ ପ୍ରକ୍ରିୟା ମାଧ୍ୟମରେ ଏହାର କୋମଳତା ଏବଂ ସୂକ୍ଷ୍ମ କାରୁକାର୍ଯ୍ୟର ଅନୁଭୂତି ପ୍ରଦାନ କରେ; ଉଡ୍‌ବର୍ଣ୍ଡସ କଣ୍ଟେମ୍ପୋରାରୀ ଇଣ୍ଡିଆନ ମାଲ୍ଟ ହ୍ୱିସ୍କି – ଏହି ବ୍ରାଣ୍ଡ ଯାହାକି ପ୍ରତିଷ୍ଠିତ ଏବଂ ବିଶ୍ୱସ୍ତରୀୟ ପୁରସ୍କାର ଜିତିସାରିଛି; ୟେଲୋ ଡ଼ିଜାଇନର ହ୍ୱିସ୍କି – ଆଧୁନିକ ଭାରତୀୟ ରୁଚ଼ିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଏହା ସ୍କଚ୍ ଏବଂ ଭାରତୀୟ ମାଲ୍ଟର ଏକ ସାହସିକ ତଥା ଦୃଢ଼ ଆନ୍ତଃ-ମହାଦ୍ୱିପୀୟ ମିଶ୍ରଣ ଅଟେ; ରଙ୍ଗୀଲା କଣ୍ଟେମ୍ପୋରାରୀ ଇଣ୍ଡିଆନ୍ ଭୋଡ଼କା – ଏକ ରଙ୍ଗୀନ ଏବଂ ଭାବପ୍ରବଣ ବ୍ରାଣ୍ଡ ଅନୁଭୂତି ମାଧ୍ୟମରେ ଦେଶର ଉତ୍ସଶିତ ସ୍ପନ୍ଦନ ବା ଉତ୍ସାହକୁ ସେଲିବ୍ରେଟ କରେ।

# ପୋଲିସ୍ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ

ଭୁବନେଶ୍ୱର,୪।୬ (ମହାଭାରତ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା ନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା । କିନ୍ତୁ ପୋଲିସ୍ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯାତନା ଦେଇଥିଲା । ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ, ସୁଶାନ୍ତଙ୍କ ନାମରେ କୌଣସି ଏଫ୍ଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୋଲିସ୍ । ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ କୌଣସି ଏଫ୍ଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ଚୁପ୍ ହୋଇ ବସିରହିଛନ୍ତି ରାଜ୍ୟ ସରକାର ।



ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ, ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ହେବା ତ ଦୂରର କଥା, ପୋଲିସ୍ର ଏଭଳି ଅପରାଧିକ କାର୍ଯ୍ୟ ଲାଗି ଜିଲ୍ଲାବାସୀ ତଟସ୍ଥ । ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ ରାଜ୍ୟର ପୋଲିସ୍ ବ୍ୟବସ୍ଥା । ଲଗାତାର ଭାବେ ରାଜ୍ୟତମାମ ପୋଲିସ୍ର ଏଭଳି କାର୍ଯ୍ୟ ଦର୍ଶାଉଛି ଯେ, ପୋଲିସ୍ ଡିଜିଙ୍କ କଥାକୁ କେହି ଖାତିର କରୁନାହାନ୍ତି, ତେଣୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ । ପୋଲିସ୍ ଡିଜି, ଦକ୍ଷିଣାଞ୍ଚଳ ଆଇଜି, ଗଞ୍ଜାମ ଓ ବ୍ରହ୍ମପୁର ଏସ୍ପି ତଥା କବିସୂର୍ଯ୍ୟନଗର ଆଇଆଇସି ସମସ୍ତେ ଅଣଓଡ଼ିଆ ହୋଇଥିବାରୁ ଆଜି ଜଣେ ନିରୀହ ଭିନ୍ନକ୍ଷମ ଓଡ଼ିଆ ଯୁବକଙ୍କୁ ପୋଲିସ୍ ହାଜତରେ ମୃତ୍ୟୁବରଣ କରିବାକୁ ପଡ଼ିଲା । ଏହା ହେଉଛି ରାଜ୍ୟ ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତାର ପରିଚୟ । ଘଟଣାରେ ସମ୍ପୃକ୍ତ ସମସ୍ତ ପୋଲିସ୍ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ ଏବଂ ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବା ସହ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନ କରନ୍ତୁ ।

## ବିଭାଜନ ମୁହାଁ ଟିଏମ୍‌ସି

ଯୁଦ୍ଧ ଭଳି ରାଜନୀତିରେ ଶତ୍ରୁକୁ ସମୂଳେ ବିନାଶ କରିବାର ଆବଶ୍ୟକତା ରହିଛି। ଆଉ ଥରେ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଯେପରି ନମିଳେ ତାହାକୁ ସୁନିଶ୍ଚିତ କରିବାକୁ ପଡ଼ିବ। କିନ୍ତୁ ବେଳେ ବେଳେ ରାଜନୀତିରେ ଏଭଳି ଚିନ୍ତାଧାରା ବା ପ୍ରୟାସକୁ ଅନେକ ସୁବିଧାବାଦ ରାଜନୀତି ବା ସ୍ୱାର୍ଥପରତା କହନ୍ତି। ନିକଟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ତୃଣମୂଳକଂଗ୍ରେସ (ଟିଏମସି) ପରାଜିତ ହୋଇ କ୍ଷମତାଚ୍ୟୁତ ହେବା ପରେ ଦଳର ଅନେକ ନେତା ଓ କର୍ମୀ ମମତାଙ୍କୁ ସମାଲୋଚନା କରୁଛନ୍ତି ଓ କେତେକ ଦଳ ଛାଡ଼ିବା ଲାଗି ପ୍ରସ୍ତୁତ ମଧ୍ୟ ହେଲେଣି। ନିକଟରେ ମମତାଙ୍କ ଦ୍ୱାରା ଆହୂତ ଏକ ସମାବେଶରେ ଦଳର ୮୦ ବିଧାୟକଙ୍କ ମଧ୍ୟରୁ ମାତ୍ର ୩୫ଜଣ ଉପସ୍ଥିତ ଥିଲେ। ୪୫ ବିଧାୟକ ଓ ଅନ୍ୟ ନେତାମାନେ ଅନୁପସ୍ଥିତ ଥିଲେ। ପୂର୍ବରୁ ମମତା କ୍ଷମତାରେ ଥିବା ବେଳେଏପରି ପରିସ୍ଥିତି ଦେଖିବାକୁ ମିଳୁନଥିଲା। ମମତାଙ୍କ ମୁହଁରୁ କଥା ବାହାରିଲେ ତାଙ୍କ ଦଳର ନେତାମାନେ ତାଙ୍କ ଦୁଆରେ ହାଜର ହୋଇଯାଉଥିଲେ। ଏମାନଙ୍କୁ କୁହାଯାଏ ଚାଟୁକାର ଏବଂ ସୁବିଧାବାଦୀ। କିନ୍ତୁ ପ୍ରକୃତ କଥା ହେଲା ମମତାଙ୍କ ଶାସନ ପ୍ରଣାଳୀ ଏବଂ ଅବ୍ୟବସ୍ଥାରେ ତାଙ୍କ ନିଜ ଦଳର ଅନେକ ନେତା ଓ କର୍ମୀ ଅସନ୍ତୁଷ୍ଟ ଥିଲେ। ଆର ଜି କମେଡିକାଲକଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ହେଉ ଅଥବା ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ପ୍ରସଙ୍ଗ ହେଉ ମମତାଙ୍କ ନିଜ ଦଳର ନେତାମାନେ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ସାହସ କରି ମୁହଁ ଖୋଲିପାରୁନଥିଲେ। ମମତା ଦିନେ ନିର୍ବାଚନରେ ହାରିଯିବେ ଏକଥା ସେମାନେ ବିଶ୍ୱାସ କରିପାରୁନଥିଲେ। ତେଣୁ ସେମାନେ ମମତାଙ୍କ ବିରୋଧରେ ମୁହଁ ଖୋଲିପାରୁନଥିଲେ। ଏବେ ନିର୍ବାଚନରେ ପରାଜିତ ହୋଇ ମମତା କ୍ଷମତାଚ୍ୟୁତ ହେବା ପରେ ସେମାନେ ସାହସ କରି ଜଣକ ପରେ ଜଣେ ସମାଲୋଚନାରେ ସ୍ୱର ଉଠାଉଛନ୍ତି। ଅନେକ ସାଂସଦ ଦଳୀୟ ପଦପଦବୀରୁ ଇସ୍ତଫା ଦେଇ ସାରିଲେଣି। ସେମାନେ ଖୋଲାଖୋଲି ଭାବେ ମମତାଙ୍କ କୁକର୍ମ ଓ ଦୁର୍ନୀତି ବିରୋଧରେ ସ୍ୱର ଉଠାଉଛନ୍ତି। ଆଉ ମମତାଙ୍କ ନାଲି ଆଖି ପ୍ରତି ସେମାନଙ୍କର ଭୟ ନାହିଁ। ଏହା ହିଁ ମମତାଙ୍କୁ ଆକ୍ରମଣ କରିବାର ଉପଯୁକ୍ତ ସମୟ ବୋଲି ବିଚାର କରି ସେମାନେ ପ୍ରତିଶୋଧ ନେବାକୁ ଅଣ୍ଟା ଭିଡ଼ିଛନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। ଏହା କୁ ହିଁ କହନ୍ତି ରାଜନୀତି। ଗତ ୧୫ ବର୍ଷ ହେବ ମମତା ବାନାର୍ଜୀ ଏକଛତ୍ରବାଦ ଚଳାଇଥିଲେ। କଂଗ୍ରେସରୁ ବାହାରି ସେ ଏଥିପାଇଁ ନିଜସ୍ୱ ଦଳ ଗଠନ କରିଥିଲେ ଏବଂ ଆଜୀବନ କ୍ଷମତାରେ ରହିବାକୁ ବ୍ୟବସ୍ଥା କରିଥିଲେ। ଏକ ଜାତୀୟ ଦଳରେ ଥିଲେ ତାଙ୍କୁ ହୁଏତ ସିଦ୍ଦରାମିୟାଙ୍କ ଭଳି ଦଶା ଭୋଗିବାକୁ ପଡ଼ିଥାଆନ୍ତା। ଅନେକ ନେତା ଏଥିପାଇଁ ଆଞ୍ଚଳିକ ଦଳ ଗଠନ କରି ଏହାକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି କରି ଦେଉଛନ୍ତି। ଦଳରେ ଆଉ କେହି ନେତା ନାହାଁନ୍ତି, ଆଉ କାହାର ମୁହଁ ଖୋଲିବାର ସାମର୍ଥ୍ୟ ନାହିଁ। ଏଭଳି ପରିସ୍ଥିତି ସୃଷ୍ଟି କରାଯାଉଛି। ମମତା ମଧ୍ୟ ଟିଏମସି ଗଠନ କରି ନିଜ ଦଳରେ ତଥା ପଶ୍ଚିମବଙ୍ଗ ଶାସନ ବ୍ୟବସ୍ଥାରେ ମନମାନି କରୁଥିଲେ, ଏକଛତ୍ରବାଦ ଚଳାଉଥିଲେ। ଏବେ ନିର୍ବାଚନରେ ପରାଜୟକୁ ସେ ସହଜରେ ଗ୍ରହଣ କରିପାରୁନାହାଁନ୍ତି ଏବଂ ରାଗରେ ଫଁ ଫଁ ହେଉଛନ୍ତି। ଏଥିପାଇଁ ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। ଏବେ ବି ସେ ନିର୍ବାଚନରେ ପରାଜୟକୁ ବିଶ୍ୱାସ କରିପାରୁନାହାଁନ୍ତି। ନିଜ ଅହଂଭାବର ବଶବର୍ତ୍ତୀ ହୋଇ ସେ ଅନ୍ଧ ହୋଇଯାଇଛନ୍ତି। ଏହାର ସୁଯୋଗ ନେଇ ତାଙ୍କ ବିରୋଧରେ ଟିଏମସି ନେତାମାନେ ସ୍ୱର ଉଠାଇବା ଆରମ୍ଭ କରିଛନ୍ତି। ଏହାକୁ ସୁବିଧାବାଦ ବା ସ୍ୱାର୍ଥପରତା କୁହାଯାଇପାରେ। କିନ୍ତୁ ଏହା ହିଁ ବାସ୍ତବତା। ମମତା ନିଜେ ଖୋଳିଥିବା ଗାତରେ ଏବେ ନିଜେ ପଡୁଛନ୍ତି।

# ୧୦୮ର ମହାତ୍ମ୍ୟ

॥ ରଜତ କୁମାର ବୋଷ ॥


ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ।


ଗୌଡ଼ିୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍ର ଦୁର୍ଗକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତିୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ନ୍ୟାସୀମାନେ ସେମାନଙ୍କ କଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧ ଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି। କେତେକ ବୌଦ୍ଧ ଗୋଷ୍ଠିର ମତ ଅନୁଯାୟୀ ମନୁଷ୍ୟର ୧୦୮ଟି ଭାବନା ଅଛି। ଜାପାନରେ ବର୍ଷ ଶେଷରେ ବୌଦ୍ଧ ମନ୍ଦିରରେ ଗୋଟିଏ ଘଣ୍ଟି ୧୦୮ ଥର ବଜାଯାଇ ପୁରାତନ ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ କରାଯାଏ। ପ୍ରତ୍ୟେକଟି ଘଣ୍ଟିର ଶବ୍ଦ ମନୁଷ୍ୟର ୧୦୮ଟି ବାସନାର ନିବାରଣ ପାଇଁ। ଏସବୁ ବାସନା ନିବାରଣ ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୋଇପାରେ। ଇହୁଦିମାନେ ଉପହାର ଓ ଦାନ ଅର୍ଥ ୧୦୮ରୁ ଗୁଣକ ଭାବରେ ଦିଅନ୍ତୁ। ୧୦୮କୁ ହବ୍ରୁ ଭାଷାରେ କୁହାଯାଏ ଚାଲ। ଏହାର ଅର୍ଥ ଜୀବନ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିୟାନ ମତବାଦ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ନହୋଇପାରିଲେ ସେ ଏହି ପାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର ରକି ଛଡ଼ାଇ ନିଏ। ପୂର୍ବ ଏସିଆର ଅଧିକାଂଶ ସମର କଳା ବୌଦ୍ଧ ଧର୍ମ ବିଶେଷ କରି ଶାଓଲିନ୍ ବୌଦ୍ଧ ମଠ ସହ ସମ୍ପର୍କିତ। ବୌଦ୍ଧଧର୍ମ ସହ ସଂଯୁକ୍ତ ଥିବାରୁ ଅଧିକାଂଶ ସାମରିକ କ୍ରୀଡ଼ା ବା ସମର କଳାଗୁଡ଼ିକରେ ୧୦୮ଟି ଭିନ୍ନ ଭିନ୍ନ ଶୈଳୀ ଥାଏ। ମର୍ମ ଆଦି ଓ ଆୟୁର୍ବେଦ ଅନୁଯାୟୀ ପ୍ରତ୍ୟେକ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଏହି ପଏଣ୍ଟ ସବୁରେ ଚେତନା ଓ ରକ୍ତ-ମାଂସର ମିଳନ ଘଟି ମନୁଷ୍ୟକୁ ଜୀବନ୍ତ ଦେଇଛି। ଚୀନା ଓ ଦକ୍ଷିଣ ଭାରତୀୟ ସମର କଳା ଅନୁଯାୟୀ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଜାପାନୀ ସମର କଳା ଗୋଜୁ-ର୍ୟୁ କରାଟେରେ ୧୦୮ଟି ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ଶୈଳୀ ଅଛି। ସେହିପରି ୟାଙ୍ଗ ତେଜିକ୍ୱାନ ସମର କଳାରେ ୧୦୮ଟି ଚାଲ ଅଛି। ଇଗଲ କ୍ଲ କୁଙ୍ଗ ଫୁ ସମର କଳାରେ ପଞ୍ଚ ଲଡ଼େଇର ୧୦୮ଟି କୌଶଳ ଅଛି। ଏହି କୌଶଳଗୁଡ଼ିକ ଉପରୋକ୍ତ ପଞ୍ଚା ଲଢ଼େଇର ବିଶେଷତ୍ୱ।

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ ଢ ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧)ଗୁଣ। ପୃଥିବୀ ଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି। ୟୁରୋପୀୟ ଓ ମଧ୍ୟପ୍ରାଚ୍ୟର ଧାର୍ମିକ ବିଶ୍ୱାସ ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ମାତ୍ର ୬୦୦୦ ବର୍ଷ ତଳର କଥା। କିନ୍ତୁ ଭାରତୀୟ ବେଦ ଉପନିଷଦ ଅନୁଯାୟୀ ଆମର ବର୍ତ୍ତମାନର ବ୍ରହ୍ମାଣ୍ଡ କୋଟି କୋଟି ପୁରାତନ। ଏମିତି କେତେ ବିଶ୍ୱ ସୃଷ୍ଟି ହୋଇଛି ଓ ସମୟ କ୍ରମେ ଧ୍ୱଂସ ହୋଇ ମହାଆକାଶ ମଧ୍ୟରେ ଲୀନ ହୋଇଯାଇଛି। ପୁରାତନ ଅନୁଯାୟୀ ଆମର ବର୍ତ୍ତମାନର ସୌରଜଗତ କ୍ଷୀରସାଗରରୁ ଉଦ୍ଭବ ହୋଇଛି। ପୁରାଣର ବର୍ଣ୍ଣନା ଅନୁଯାୟୀ ଆମ ସୌରଜଗତ କ୍ଷୀର ସାଗର ମଧ୍ୟରୁ ଉଦ୍ଭବ। ସ୍ରଷ୍ଟାଙ୍କ ଇଚ୍ଛାନୁସାରେ ଅନନ୍ତ ଅସୀମ ବିଷ୍ଣୁ ଭଗବାନଙ୍କ ନାଭିରୁ ଏକ କମଳ ପୁଷ୍ପ ବାହାରି ମହାଶୂନ୍ୟ ଆଡ଼କୁ ଗଲା। ଏହାକୁ ହିରଣ୍ୟଗର୍ଭ ବୋଲି କୁହାଯାଏ। ଏଥିରୁ କ୍ରମଶ ଆମ ପୃଥିବୀ ସୃଷ୍ଟି ହେଲା। ଶାସ୍ତ୍ରମତ ଅନୁଯାୟୀ ସୃଷ୍ଟି ହେବାର ନିୟୁତ ନିୟୁତ ବର୍ଷ ପରେ ଯେତେବେଳେ ସୂର୍ଯ୍ୟର ଆକାର ଆହୁରି ବଡ଼ ହୋଇଯିବ ସେତେବେଳେ ଏହା ସମଗ୍ର ପୃଥିବୀର ଜୀବସତ୍ତାକୁ ଗ୍ରାସ କରିବ। ମହାଜାଗତିକ ବାୟୁ ଭସ୍ମୀଭୂତ ଭୂ-ଲୋକର ଭସ୍ମକୁ ମହାକାଶକୁ ଉଡାଇ ନେବ। ବର୍ତ୍ତମାନ ବିଜ୍ଞାନ ମଧ୍ୟ ଠିକ୍ ସେୟା କହୁଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ସୃଷ୍ଟି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତାର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତାର ଠିକ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ୱ ବିଷୟରେ ଜାଣିବା ଉଚିତ। (କ୍ରମଶଃ)

# ବିମାତା, କୁମାତା ନୁହେଁ

॥ ଅଲେଖ ଚନ୍ଦ୍ର ସାମଲ ॥

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନିଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ୱଚ୍ଛ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।


**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୧୨୩**


# ପ୍ରକୃତି ସହ ସୁସମ୍ପର୍କରେ ହିଁ ବଞ୍ଚିବା

॥ ବିପିନ ବିହାରୀ ରାଉତ ॥

ବିଶ୍ୱ ଆଗରେ ନିୟମିତ ଗୋଟିଏ ପରେ ଗୋଟିଏ ବିପଦ ଉଭା ହେଉଛି। କରୋନା ଭଳି ମହାମାରୀ ଅଚାନକ ନେଇଗଲା ଲକ୍ଷ ଲକ୍ଷ ଜୀବନ। ତେବେ ଯେଉଁ ବଡ଼ ବିପଦ ଆମ ମୁଣ୍ଡ ଉପରେ ଡେମୋକ୍ଲିସର ଖଣ୍ଡା ହୋଇ ଝୁଲୁଛି, ତାହା ହେଉଛି ପରିବେଶ। ପରିବେଶ ପ୍ରଦୂଷଣ କାରଣରୁ ଭୟଙ୍କର ପରିସ୍ଥିତି ଆଡ଼କୁ ବିଶ୍ୱ ଗତି କରୁଥିଲାବେଳେ କେବଳ ଦିନଟିଏ ପାଇଁ କିମ୍ବା ସପ୍ତାହେ ପାଇଁ ଏହି ଦିବସ ପାଳନ କରିଦେଇ ଆମେ ଚୁପ ହୋଇ ରହିଗଲେ ବିପଦକୁ ସମ୍ପୂର୍ଣ୍ଣ ଏଡ଼ାଇ ପାରିବା ନାହିଁ। ଦାୟିତ୍ୱ ସମସ୍ତଙ୍କର। ଜୁନ ୫ ତାରିଖ ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଶ୍ୱ ପାଳନ କରିଛି ବିଶ୍ୱ ପରିବେଶ ଦିବସ। ପରିବେଶ ଦିଗରେ ସଚେତନା ସୃଷ୍ଟି ନିମନ୍ତେ ୧୯୭୪ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଭାରତରେ ମଧ ଏଭଳି କାର୍ଯ୍ୟକ୍ରମର ଧୁମଧାମ ଆୟୋଜନ ହୋଇଥାଏ। ହେଲେ ପରେ ଆମେ ଏହି ଦିନ ନେଇଥିବା ନିଷ୍ପତ୍ତିକୁ କେତେ ସଫଳତାର ସହ ପୂରଣ କରିଛେ ତାକୁ ଭୁଲିଯାଇଥାଏ।

ଧରିତ୍ରୀ ଆମର ମା', ପ୍ରକୃତି ଆମର ଜୀବନ। ପ୍ରକୃତି ବିନା ଜୀବନ ଅସମ୍ଭବ ଏହା ଆମେ ସମସ୍ତେ ଜାଣିଛେ। ମାତ୍ର ବିକାଶ ଓ ଆଧୁନିକତାର ପ୍ରତିଯୋଗିତାର ନିୟମିତ ପରିବେଶକୁ କ୍ଷତି ପହଞ୍ଚାଉଛେ। ଶିଳ୍ପ ପ୍ରତିଷ୍ଠାନ ପାଇଁ ହେଉ ଅବା ବିଧାୟକଙ୍କ ଘର କିମ୍ବା ସଂସଦ ଭବନ, ସବୁଠି ବଳି ପଡୁଛି ବୃକ୍ଷ। କିଛି ଦିନ ହୋହଲ୍ଲା ପରେ ସମସ୍ତେ ଚୁପଚାପ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗଛ ଲଗାଇବାର ପ୍ରତିଶ୍ରୁତି ସାଧାରଣ ଜନତାଙ୍କୁ ସରକାର ଦେଉଥିଲାବେଳେ ପରେ ଗୋଟିଏ ଗଛ ବଞ୍ଚିଛି ନା ନାହିଁ ତାକୁ ଦେଖିବାକୁ କେହି ନାହାନ୍ତି। କ୍ରମାଗତ ଭାବେ ଆମେ ପ୍ରକୃତି ଠାରୁ ଦୂରେଇ ଚାଲିଛେ। ଝରଣା, ନଦୀ, ହ୍ରଦ, ଜଙ୍ଗଲ ଦେଖିବାକୁ ଦୂରକୁ ଯିବାକୁ ପଡୁଛି। ଆଉ ପ୍ରକୃତିକୁ କ୍ଷତ ପହଞ୍ଚାଇବାର ପରିଣାମ ନିୟମିତ ଭୋଗୁଛେ। ଜଳବାୟୁ ପରିବର୍ତ୍ତନ କାରଣରୁ କେତେବେଳେ ତାତି ୪୫ ଡିଗ୍ରୀ ଟପିଲାଣି ତ ଆଉ କେତେବେଳେ ଅବିଶ୍ରାନ୍ତ ବର୍ଷା। ଜନ ଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି। ଖରା, ବର୍ଷା, ଶୀତ ସବୁଥିରେ ଅନିଶ୍ଚିତତା। ଜଳସ୍ତର ହ୍ରାସ କାରଣରୁ ଜଳ ସଙ୍କଟ ବଢ଼ିବାରେ ଲାଗିଛି। ଗଛ କାଟିବାରୁ ପ୍ରଦୂଷିତ ହେଉଛି ବାୟୁ। ଆଉ କେବଳ ଏହି ବାୟୁ ପ୍ରଦୂଷଣ କାରଣରୁ ବର୍ଷକରେ ବିଶ୍ୱରେ ୧ କୋଟିରୁ ଅଧିକ ଲୋକଙ୍କର ଯାଉଛି ଜୀବନ। ସହରାଞ୍ଚଳରେ ଶାନ୍ତିରେ ନିଶ୍ୱାସ ନେବା କଷ୍ଟକର ହୋଇପଡୁଥିଲା ବେଳେ ଗ୍ରାମାଞ୍ଚଳ ସ୍ଥିତି ମଧ୍ୟ ସେହି ଆଡ଼କୁ ମୁହାଁଇଲାଣି।

ସବୁରି ମୂଳର ବଡ଼ କାରଣ ହେଉଛି ଜୀବନଧାରଣର ମାନ ବଦଳିବା। ନିଜକୁ ଆରାମଦାୟକ ସ୍ଥିତିରେ ରଖିବା ପାଇଁ ଯେଉଁସବୁ ପଦକ୍ଷେପ ଆମେ ନେଉଛେ ତାହା ଅନ୍ୟମାନଙ୍କ ପାଇଁ ବିପଦ ଡାକୁଛି। ଆଉ ଏହି ବିପଦରେ ମଧ ଆମେ ହିଁ ପଡୁଛେ। ପ୍ରକୃତି ଠାରୁ ଦୂରେଇ ରହିବା କାରଣରୁ ଏଭଳି ରୋଗ ଦେଖିବାକୁ ମିଳୁଛି ଯାହାର ଔଷଧ ବୈଜ୍ଞାନିକଙ୍କ ହାତରେ ମଧ ନାହିଁ। ନଦୀ, ଝରଣାର ଦିଗ ବଦଳିବା, ଜଙ୍ଗଲ ନଷ୍ଟ ହେବା ଏହି କାରଣରୁ ପ୍ରଦୂଷଣ ବଢ଼ିବା ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ବର୍ତ୍ତମାନ ସମୟରେ। ତେଣୁ ନିଜକୁ ବଞ୍ଚାଇ ପୃଥିବୀକୁ ବଞ୍ଚାଇ ରଖିବାର ଉଦ୍ୟମ କ୍ରମେ ଜୁନ ୫ ତାରିଖକୁ ଯଦିଓ ଆମେ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରୁଛେ ତେବେ ଏହି ଗୋଟିଏ ଦିନର ସଚେତନତା ଯଥେଷ୍ଟ ନୁହେଁ। ଯେ ପର୍ଯ୍ୟନ୍ତ ଆମେ ନିଜେ ଚେତି ନାହେଁ ସେ ପର୍ଯ୍ୟନ୍ତ ଅନ୍ୟକୁ ଓ ସମାଜକୁ ସଚେତନ କରାଇ ପାରିବା ନାହିଁ। ଗୋଟିଏ ଦିନର ଭାଷଣବାଜି, ପ୍ରତିଶ୍ରୁତି ବିଶ୍ୱକୁ ସୁରକ୍ଷା ଦେବାରେ ଯଥେଷ୍ଟ ନୁହେଁ। ତେଣୁ ପ୍ରତ୍ୟେକ ଦେଶ ମିଳିତ ଭାବେ ଏହି ବିପଦର ମୁକାବିଲା ପାଇଁ ଆଗେଇ ଆସିବା ଦରକାର। ହେଲେ କିଛି ଦେଶ ନିଜର ସ୍ୱାର୍ଥ ପାଇଁ ଏଭଳି ଉଦ୍ୟମକୁ ଭଣ୍ଡୁର କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି ତାହା ଖାଲି ଅନ୍ୟ ଦେଶ ପାଇଁ ନୁହେଁ ସେମାନଙ୍କ ପାଇଁ ମଧ ବିପଦ ବୋଲି ବୁଝିବା ଦରକାର। ଆଧୁନିକ ବିଶ୍ୱ ପାଇଁ ଆଜି ସବୁଠି ବଡ଼ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ଏହାକୁ କେବଳ ସଭାସମିତିରେ, ପ୍ଲାକାର୍ଡ଼ ଭିତରେ ସୀମିତ ରଖିବା ଅନୁଚିତ। ବିକାଶ ନାମରେ ଆମେ ଯେ ଏକ ବିନାଶ ଆଡ଼କୁ ଗତି କରିଛେ ତାହା ସମସ୍ତେ ବୁଝିବା ଦରକାର। ଧରିତ୍ରୀ ଆମର ଘର। ତେଣୁ ଏଥିରେ ଦେଖାଦେଉଥିବା ପରିବର୍ତ୍ତନକୁ ନ ବୁଝିବା ଅର୍ଥ ହେଉଛି ଆମେ ଆମର ଘର ଓ ପରିବାରର ଦାୟିତ୍ୱକୁ ବୁଝିପାରୁନାହୁଁ। ଯଦିଓ ଏହା କଠିନ ତେବେ ଏଥିରେ ମଧ ସଫଳତା ସେତେବେଳେ ମିଳିପାରିବ ଯେତେବେଳେ ଆମେ ସମସ୍ତେ ଏକାଠି ହୋଇ ଏହି ଅଭିଯାନରେ ନିଜକୁ ସାମିଲ କରିବା।


**ଶ୍ରୀବିହାର କଲୋନୀ, କଟକ**

**ଦୂରଭାଷ : ୯୪୩୭୬୬୬୪୫୩**

## ବଜ୍ରାଘାତ : ୧୧ ଆହତ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପରକଳା ଗ୍ରାମ ଚିଲିକା କୂଳରେ ବଜ୍ରାଘାତ ଘଟି ଏକ ଅଭାବନୀୟ ଘଟଣା ଘଟିଛି । ଅସହ୍ୟ ଗରମ ଯୋଗୁଁ ଗାଈ ବାଛୁରୀ ମାନେ ଗାଁ ମୁଣ୍ଡ ଏକ ବର ଗଛ ତଳେ ଆଶ୍ରୟ ନେଇଥିଲେ । ହଠାତ ସନ୍ଧ୍ୟା ୬ ଟା ସମୟରେ ଆକାଶ କୁ କଳା ମେଘ ଢାଙ୍କିଥିଲା । ଅଳ୍ପ ବର୍ଷା ଆରମ୍ଭ ହୋଇଥିବା ବେଳେ ଏକ ବଜ୍ରାଘାତ ହୋଇଥିଲା । ବଜ୍ରାଘାତ ରେ ଘଟଣା ସ୍ଥଳରେ ୭ ଟି ଗାଈ ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଟି ଗାଈ ବାଛୁରୀ ଆହତ ହୋଇ ଘଟଣା ସ୍ଥଳରୁ କେଉଁ ଆଡ଼େ ଦୌଡ଼ି ଚାଲି ଯାଇଛନ୍ତି । ପରକଳା ଗ୍ରାମର ବାଲୁଙ୍କି ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ,ଭ୍ରମର ବର ପ୍ରଧାନ,ସୁରେନ୍ଦ୍ର ପଣ୍ଡା,ଯୋଗେନ୍ଦ୍ର ପ୍ରଧାନ, ବାସୁଦେବ ପ୍ରଧାନ,ଦୈତାରୀ ମହାନ୍ତି, ଦୁଃଖାମଣି ପ୍ରଧାନ ଙ୍କ ଗାଈ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଖବର ପାଇ ଘଟଣା ସ୍ଥଳରେ ମାଲୁଦ ରୁ ଅଗ୍ନିଶମ ବାହିନୀ ପହଞ୍ଚିଥିବା ଜଣା ପଡ଼ିଛି । ବଜ୍ରାଘାତ ରେ ମୃତ୍ୟୁ ହୋଇଥିବା ଗାଈ ଚାଷୀ ଙ୍କୁ କ୍ଷତି ପୂରଣ ଦେବା ପାଇଁ ଦାବି ହେଉଛି ।

## ମିଳୁନି ଘରପୋଡି କ୍ଷତିପୂରଣ,୩ମାସ ଧରି ଠକୁଛି ପ୍ରଶାସନ

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ଜନସାଧାରଣ ସବୁ କ୍ଷେତ୍ରରେ ଅବହେଳିତ ଯାହାର ଜ୍ୱଳନ୍ତ ଉଦାହରଣ ହିନ୍ଦୋଳବ୍ଲକ ମାନକଙ୍କ ଫଂଗାରରେ ଘରପୋଡି ସର୍ବହରା ହୋଇଥିବା ଜନସାଧାରଣ ।ଖବରରୁ ପ୍ରକାଶ ଗତ ୨୪ମାର୍ଚ୍ଚରେ କୌଣସି କାରଣ ବଶତଃ ନୂଆବସ୍ତି ଗ୍ରାମରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଗ୍ରାମର ୯ଜଣ ବ୍ୟକ୍ତିଙ୍କ ଘରପୋଡି ପାଉଁଶ ହୋଇଯାଇଥିଲା ।ଗ୍ରାମର ନରିଆ ବିଶ୍ୱାଳ,ଗାଲେଖ ବିଶ୍ୱାଳ, ଗାଷ୍ଟୁ ବିଶ୍ୱାଳ,ଦିବାକର ବିଶ୍ୱାଳ, ସୁବାସ ବିଶ୍ୱାଳ,ସିପୁନ ବିଶ୍ୱାଳ,ଭାସ୍କର ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ଘରପୋଡି ସର୍ବସ୍ୱାନ୍ତ ହୋଇଯାଇଥିଲେ।ତେବେ ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାନୀୟ ଆରଆଇ, ହିନ୍ଦୋଳ ଅଗ୍ନିଶମ ବିଭାଗ ସରଜମିନ ତଦନ୍ତକରି ବିସ୍ତୃତ ରିପୋର୍ଟ ତହସିଲଦାରଙ୍କୁ ଦେଇଥିଲେ।ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନ ତୁରନ୍ତ କ୍ଷତିପୂରଣ ଦିଆଯିବା ନେଇ ଆଶ୍ୱାସନା ମଧ୍ୟ ଦେଇଥିଲେ।ତେବେ କ୍ଷତିପୂରଣ ସ୍ୱରୂପ ଅନ୍ତୋଦୟ ଯୋଜନାରେ ଖୁଦ,ଘରପୋଡି ବାବଦକୁ କ୍ଷତିପୂରଣ ନିମନ୍ତେ ବ୍ୟାଙ୍କଖାତା ସହ ସମସ୍ତ ପ୍ରମାଣପତ୍ର ଇତ୍ୟାଦି ରାଜସ୍ୱ ବିଭାଗକୁ ଦେଇଥିଲେ ହେଁ ସଂପୃକ୍ତ କ୍ଷତିଗ୍ରସ୍ତ ବ୍ୟକ୍ତି ମାନଙ୍କୁ ତିନିମାସ ହେଲା ଦୌଡ଼ାଉଛନ୍ତି।ଆଜି ମିଳିବ କାଲି ମିଳିବ କହି ବିଭାଗୀୟ ଅଫିସର, କର୍ମଚାରୀ ଠକି ଚାଲିଥିବାରୁ କ୍ଷତିଗ୍ରସ୍ତ ମାନଙ୍କ ମାନସିକ କଷ୍ଟ ହେଉଥିବା ସହ ସରକାରୀ ସହାୟତା ଆଶା ଛାଡି ଦେଲେଣି ବୋଲି କ୍ଷୋଭର ସହ ଆମ ପ୍ରତିନିଧିଙ୍କ ଆଗରେ କୁହନ୍ତି ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ପ୍ରଜାମାନେ । ତେବେ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବାକୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ସହ ହିନ୍ଦୋଳ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ଡି ନାମାଇଟ ବିସ୍ଫୋରଣରେ ଜଣେ ମତ୍ସ୍ୟଜିବି ଗୁରୁତର

ଦେବଗଡ, (ମହାଭାରତ) : ଆଜି ପୂର୍ବାହ୍ନରେ ବାରକୋଟ ବ୍ଲକ ତଥା ଦେବଗଡ ଥାନା ଅନ୍ତର୍ଗତ ବିଜୟନଗର ସ୍ଥିତ ଗୋପାଳପାଲି ନାଳରେ ଡିନାମାଇଟ ସାହାଯ୍ୟରେ ମାଛ ମାରୁଥିବା ବେଳେ ଜଣେ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ଥାନାଂତର୍ଗତ ବିଜୟନଗର ଗ୍ରାମର ପାତ୍ରୁ ବିରୁଆଙ୍କ ପୁଅ ସଞ୍ଜୟ ବିରୁଆ(୩୨) ଆଜି ପୂର୍ବାହ୍ନରେ ମାଛ ମାରିବା ପାଇଁ ନିକଟସ୍ଥ ଗୋପାଳପାଲି ନାଳକୁ ଯାଇଥିଲେ । ତେବେ ସେଠାରେ ସେ ମାଛ ମାରିବା ପାଇଁ ଡିନାମାଇଟ ବ୍ୟବହାର କରୁଥିବା ବେଳେ ଅସାବଧାନତା ଯୋଗୁଁ ଏହା ହଠାତ ଫୁଟି ଯାଇଥିଲା । ଫଳରେ ତାଙ୍କର ଡାହାଣ ହାତର ପାପୁଲି ଛିଣ୍ଡିଯିବାସହ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସୂଚନା ପାଇ ପରିବାର ଲୋକେ ଘଟଣା ସ୍ଥଳରୁ ସଞ୍ଜୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାରକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ମାତ୍ର ଅବସ୍ଥା ଶଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ଟାଟା ପାୱାରର ଅବହେଳା ପାଇଁ ଚାଲିଗଲା ଗାଈର ଜୀବନ

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ କୁରୁମିଠା ମୁଖ୍ୟ ରାସ୍ତା ପାଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଚାଲିଗଲା ଏକ ନିରୀହ ଗାଈର ଜୀବନ ।ପୁରୁଣା କଟକ ସମ୍ବଲପୁର ରୋଡର ଏହି ସ୍ଥାନରେ ପ୍ରତ୍ୟେକ ଦିନ ଶହଶହ ଗାଡ଼ି ମୋଟର ଯିବା ଆସିବା କରିବା ସହ ସେହି ରାସ୍ତାରେ ଅନେକ ଲୋକ ମଧ୍ୟ ଯିବା ଆସିବା କରନ୍ତି ।ତେବେ ରାସ୍ତା ପାଖରେ ଥିବା ଏହି ବିଦ୍ୟୁତ୍ ଖୁଣ୍ଟରେ କିଭଳି ଭାବେ ବିଦ୍ୟୁତ୍ ସଂଯୋଗ ଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପର ପକ୍ଷରେ ଯଦି ଗାଈ ପରିବର୍ତ୍ତେ କୌଣସି ଲୋକ ଏହି ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ଥାଆନ୍ତା ତେବେ ପରିସ୍ଥିତି କଣ ହୋଇଥାଆନ୍ତା ତାହାକୁ ନେଇ ପ୍ରଶ୍ନ ଉଠିଛି ।ତେବେ ଟାଟା ପାୱାରର ଅବହେଳା ପାଇଁ ଏକ ନିରୀହ ପଶୁର ଜୀବନ ଚାଲିଯାଇଥିବା ବେଳେ ଯଥାଶୀଘ୍ର ଏହି ବିଦ୍ୟୁତ୍ ଖୁଣ୍ଟକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି । ନଚେତ୍ ଆଗାମୀ ଦିନରେ ଟାଟା ପାୱାର ଅଫିସରେ ଲୋକମାନେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଟୋରେ ଏସଆଇଆର ସନ୍ଦେଶ

କପ୍ତିପଦା, (ମହାଭାରତ) : ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ କୁ ନେଇ କପ୍ତିପଦା ଉପଖଣ୍ଡ ପ୍ରଶାସନ ର ଏକ ନିଆରା ପ୍ରଚେଷ୍ଟା। ଉଦଳା ରେ ଯାତ୍ରୀ ପରିବହନ କରୁଥିବା ଅଟୋ ରେ ଦିଆଗଲା ଏସଆଇଆର ସନ୍ଦେଶ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଆଜି ଉଦଳାରେ ଚାଲୁଥିବା ଅଟୋ ଗୁଡିକରେ ଏସଆଇଆର ସଚେତନତା ସମ୍ବନ୍ଧୀୟ ବାର୍ତ୍ତା ଷ୍ଟିକର ଲଗାଇଥିଲେ । ଏହା ସହିତ କିପରି ଭାବେ ସମସ୍ତ ଭୋଟର ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ଭୋଟର ତାଲିକା ତ୍ରୁଟି ଶୂନ୍ୟ କରିପାରିବେ ଏବଂ ସମସ୍ତେ ଭୋଟର ହୋଇପାରିବେ ସେହି ସନ୍ଦେଶ ସବୁଠି ପହଂଚିବା ପାଇଁ ଏହି ନିଆରା ପ୍ରୟାସ କରାଯାଇଥିବା ଜଣାଯାଇଛି। ଉଦଳା ଅଟୋ ମାଲିକ ସଂଘ ଏହି ନିଆରା ପଦକ୍ଷେପରେ ସାମିଲ ହୋଇଥିବା ବେଳେ ଏହି ପ୍ରଚାର ପ୍ରସାରକୁ ଆହୁରି ବ୍ୟାପକ କରାଯିବ ବୋଲି କହିଛନ୍ତି ଉପଜିଲ୍ଲାପାଳ।

## ମହିଳାଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ଦଶପଲ୍ଲା,୪/୬ (ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତ ନିକଟବର୍ତ୍ତୀ ଅଞ୍ଚଳରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ମହିଳା ଜଣକ ସ୍ଥାନୀୟ ଅଞ୍ଚଳର ନିରୁପମା ସ୍ୱାଇଁ (୪୦) ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ମିଳିଥିବା ସୂଚନା ଅନୁଯାୟୀ, ମୃତଦେହଟି ଏକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ପ୍ରାଥମିକ ତଦନ୍ତରୁ କେହି ଦୁର୍ବୃତ୍ତ ତାଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଏଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ ଦଶପଲ୍ଲା ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏହି ସମ୍ବେଦନଶୀଳ ଘଟଣାରେ ଦଶପଲ୍ଲା ଥାନାରେ କେସ ନଂ ୧୩୯ ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଏବଂ ଏସଡ଼ିପିଓ ସୃଷ୍ଟି ପ୍ରଧାନ ଘଟଣାର ଛାନଭିନ କରୁଛନ୍ତି।

# ମାଲକାନଗିରିରେ ମେଗା ଭୋଟର ସଚେତନତା ଅଭିଯାନ



ମାଲକାନଗିରି, (ମହାଭାରତ) : ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥ ର ଶୁଭାରମ୍ଭ କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ସ୍ୱୀପ୍ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ। ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା ରଥର ପତାକା ଦେଖାଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏହି ମେଗା ଶୁଭାରମ୍ଭ ସମୟରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ତଥା ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଇଆରଓ ଦୁର୍ଯ୍ୟୋଧନ ଭୋଇ ଙ୍କ ସମେତ କଲେକ୍ଟର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜେଶିକେର କହିଛନ୍ତି ଯେ ଗଣତନ୍ତ୍ରରେ ପ୍ରତ୍ୟେକଟି ଭୋଟ୍‌ର ମୂଲ୍ୟ ଅମୂଲ୍ୟ। ଜିଲ୍ଲାର କୌଣସି ବି ଯୋଗ୍ୟ ନାଗରିକ ଯେପରି ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ସଚେତନତା ରଥ ଗାଁ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବ ଏବଂ ବିଏଲଓମାନେ ଘର ଘର ବୁଲି ଫର୍ମ ବଣ୍ଟନ କରିବେ। ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ, ସମସ୍ତେ ଏହି ଅଭିଯାନରେ ସହଯୋଗ କରି ନିଜର ନାମ ଯାଞ୍ଚ କରନ୍ତୁ ଏବଂ ନୂତନ ନାମ ପଞ୍ଜୀକରଣ କରି ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବାରେ ପ୍ରଶାସନକୁ ସହାୟତା କରନ୍ତୁ।କେବଳ ସହର ନୁହେଁ, ବରଂ ଗ୍ରାମାଞ୍ଚଳର ଭୋଟରଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଶାସନ ସିଧାସଳଖ ମଇଦାନକୁ ଓହ୍ଲାଇଛି। ରଥ ଶୁଭାରମ୍ଭ ପରେ ପରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍.ଭି-୭ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ ବଣ୍ଟନ କାର୍ଯ୍ୟର ସେମାନେ ସମୀକ୍ଷା କରିବା ସହ ନିଜେ ଉପସ୍ଥିତ ରହି ଜନସାଧାରଣଙ୍କୁ ଫର୍ମ ବଣ୍ଟନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ବୁଝାଇବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଏହି ତାଲିକାରେ ସାମିଲ ହେବେ, ସେଥିପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ, ଯେଉଁମାନଙ୍କର ବୟସ ୧୮ ବର୍ଷ ବା ତା'ଠାରୁ ଅଧିକ ହୋଇଛି କିମ୍ବା ଭୋଟର କାର୍ଡରେ କୌଣସି ସଂଶୋଧନ ଯଥା ନାମ, ବୟସ, କିମ୍ବା ଠିକଣା ଭୁଲ ରହିଛି, ସେମାନେ ତୁରନ୍ତ ନିଜ ଅଞ୍ଚଳର ବିଏଲଓ ଙ୍କ ସହ ଯୋଗାଯୋଗ କରି ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ଅଭିଯାନର ଲାଭ ଉଠାନ୍ତୁ।

# ଦିନ ଦ୍ୱିପହରରେ ଚାଲିଛି ଜୁଆଖେଳ, ସବୁକିଛି ଜାଣି ଚୁପ ପୋଲିସ ପ୍ରଶାସନର ନଜର ପଡିବ କେବେ ?

ରାଇଘର, (ମହାଭାରତ) : ରାଇଘର ବ୍ଲକରେ ଦିନ ଦାହାଡ଼େ ଚାଲୁଛି ଜୁଆଖେଳ ହେଲେ କୁନ୍ଦେଇ ପୋଲିସ ପ୍ରଶାସନ ନିରବ ଦ୍ରଷ୍ଟା ।ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ଅଦ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ ଶିକ୍ଷାର ଅଭାବ ଓ ସଚେତନତା ଅଭାବ ଯୋଗୁଁ ଏଠାରେ ବସବାସ କରୁଥିବା ନିରୀହ ଆଦିବାସୀ ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ।ଯୁବଗୋଷ୍ଠୀ ମଦ ପିଇ ମାତାଲ ରହୁଥିବା ବେଳେ ଜୁଆ ମାଫିଆ ମାନେ ଜୁଆରେ ସାଧାରଣ ଲୋକଙ୍କୁ ଜାବୁଡି ଧରି ଶୋଷଣ କରୁଛନ୍ତି ।ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁନ୍ଦେଇ ଥାନା ସାପ୍ତାହିକ ବଜାର ଗୁଡ଼ିକ ହେଲା ସୋମବାର ସର୍ଗିପାରା ଏବଂ ଆଦି ପାରା ମଝିରେ ବୁଲାଣୀ ପାଖ ଜଙ୍ଗଲ ସାଇଟରେ ଓ ବୁଧବାର ଦିନ ହିରୀ ବଜାରରେ ଭଗବାନ ସିଂ ଓ ଜୟରାମ ନାମକ ଏହି ଦୁଇ ଜଣ ବେକ୍ତି ୱାଟସୋପ ଗ୍ରୁପ ମାଧ୍ୟରେ ଲୋକଙ୍କୁ ଏକାଠି କରି ଜୁଆ ଖେଳାନ୍ତି। ଏବଂ ଦିନ କୁ ଦିନ ଯୁଆଡ଼ି ମାନଙ୍କ ଭିଡ଼ ଜମୁଥିବା ବେଳେ ନିରୀହ ଆଦିବାସୀ ଜୁଆ ଖେଳି ସର୍ବହରା ହୋଇ ମୁହଁ ଶୁଖେଇ ଘରକୁ ଖାଲି ବେଗଧରି ଫେରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏବଂ ଘରେ ଘରେ ଅପ୍ରୀତିକର ପରିବେଶ ମଧ୍ୟ ସୃଷ୍ଟି ହେଉଥିବା ଖବର ଆସୁଛି ।ଯୁଆଡ଼ି ମାନେ ପସରା ମେଲେଇ ବସୁଥିବା ବେଳେ ଗରିବ ଆଦିବାସୀ ଖଟିଖିଆ ଘରୁ ଧାନ, ଚାଉଳ, ଟଙ୍କା ପଇସା ଓ ଅନ୍ୟାନ୍ୟ ସାମଗ୍ରୀ ଘରୁ ଚୋରି କରି ଜୁଆରେ ବାଜି ଲଗେଇ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ତେଣୁ ପୋଲିସ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।ଦେଖା ଯାଉ କୁନ୍ଦେଇ ପୋଲିସ ପକ୍ଷୟରୁ କଣ ପଦକ୍ଷିପ ନିଅ ଯାଉଛି ।

# ବୟସ୍କ ଭତ୍ତା ପାଣ୍ଠିରୁ ୧୨.୩୦ ଲକ୍ଷ ଟଙ୍କା ହେରଫେର ଅଭିଯୋଗ : ପଞ୍ଚାୟତ ପିଇଓ ଗିରଫ

ହିଞ୍ଜିଳିକାଟୁ, (ମହାଭରାତ) : ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅଧୀନସ୍ଥ ଦାରୁଭଦ୍ରା ଗ୍ରାମ ପଞ୍ଚାୟତରେ ବୟସ୍କ ଭତ୍ତା ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ସରକାରୀ ପାଣ୍ଠିରୁ ପ୍ରାୟ ୧୨ ଲକ୍ଷ ୩୦ ହଜାର ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ସମ୍ପୃକ୍ତ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତ୍ରିଲୋଚନ ନାୟକ ଙ୍କୁ ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦାରୁଭଦ୍ରା ଗ୍ରାମ ପଞ୍ଚାୟତରେ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ପାଇଁ ଆସୁଥିବା ଭତ୍ତା ରାଶି ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆବଣ୍ଟିତ ଅର୍ଥରେ ଅନିୟମିତତା ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସନ୍ଦେହ ପ୍ରକାଶ ପାଇଥିଲା। ଗତ ମାର୍ଚ୍ଚ ମାସରେ ୨୩୭ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ନିୟମିତ ଭାବେ ଅପଡେଟ୍ ନ ହେବା ଏବଂ ଟଙ୍କା ଆସିନଥିବା ବ୍ଲକ ପ୍ରଶାସନର ନଜରକୁ ଏହି ବିଷୟ ଆସିଥିଲା। ଏହାପରେ ହିଞ୍ଜିଳିକାଟୁ ବିଡିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ଏକ ଟିମ୍ ଗଠନ କରି ତଦନ୍ତ କରିବା ସହ ସମ୍ପୃକ୍ତ ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ନୋଟିସର ଜବାବରେ ପିଇଓ ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ନ ଥିବାରୁ ବିଡିଓ ସମସ୍ତ ତଥ୍ୟ ଓ ରିପୋର୍ଟ ଉଚ୍ଚସ୍ତରୀୟ ଅଧିକାରୀ ତଥା ଜିଲ୍ଲାପାଳ ଙ୍କୁ ଅବଗତ କରାଇଥିଲେ ।ପରେ ଜିଲ୍ଲାପାଳ ଉକ୍ତ ପିଇଓ ଙ୍କୁ ଚାକିରି ରୁ ନିଲମ୍ବନ କରିଥିଲେ। ପରେ ଫେରାର ରହିଥିଲେ ପିଇଓ ।ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ହିଞ୍ଜିଳି ଥାନା ରେ ଗତ ୨୬/୫/୨୬ ରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ ।ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ୩୫୯/୨୬ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।ପ୍ରାଥମିକ ତଦନ୍ତରେ ପ୍ରାୟ ୧୨ ଲକ୍ଷ ୩୦ ହଜାର ଟଙ୍କା ହେରଫେର ହୋଇଥିବା ସନ୍ଦେହ ହେବା ପରେ ଗତ କାଲି ପିଇଓ କୌଣସି କାମ ପାଇଁ ବ୍ଲକ କାର୍ଯ୍ୟାଳୟ କୁ ଯିବା ସମୟରେ ପୋଲିସ ଖବର ପାଇଁ ଉକ୍ତ ପିଇଓ ତ୍ରିଲୋଚନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏନେଇ ବିଡିଓ ମଧ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ଏପଟେ ଏହି ଘଟଣାର ସିଧାସଳଖ ପ୍ରଭାବ ଗ୍ରାମର ବୟସ୍କ ଓ ଅସହାୟ ଲୋକଙ୍କ ଉପରେ ପଡ଼ିଛି। ଗତ ଦୁଇରୁ ତିନି ମାସ ଧରି ୨୩୭ ହିତାଧିକାରୀ ତାଙ୍କ ଭତ୍ତା ରାଶି ପାଇନଥିବାରୁ ନାନା ସମସ୍ୟାରେ ପଡ଼ିଛନ୍ତି। କେହି ଔଷଧ କିଣିବାରେ ଅସମର୍ଥ ହେଉଥିବା ବେଳେ ଆଉ କେହି ପରିବାର ଚଳାଇବା ପାଇଁ ହଇରାଣ ହେଉଛନ୍ତି। ଭତ୍ତା ଟଙ୍କା ଆସିଛି କି ନାହିଁ ଜାଣିବା ପାଇଁ ବୃଦ୍ଧମାନେ ଖରାରେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ୟାଙ୍କକୁ ଦୌଡ଼ି ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି ।ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ହେରଫେର ହୋଇଥିବା ସମସ୍ତ ଟଙ୍କା ଫେରସ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି




ଜୟପୁର, (ମହାଭାରତ) : ଆଜି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଶିଶୁ ଅଧିକାର ସୁରକ୍ଷା, ଶିକ୍ଷା, ଶିଶୁ କଲ୍ୟାଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟକୁ ନେଇ ଶୁଣାଣି କରାଯାଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ସମାଧାନ ପାଇଁ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକ୍ରମରେ ବବିତା ପାତ୍ର, ଅଧ୍ୟକ୍ଷା, ଓଏସସିପିସିଆର୍, ସୁଜାତା ନାୟକ, ସଦସ୍ୟା, ଓଏସସିପିସିଆର୍, କସ୍ତୁରୀ ମିଶ୍ର, ସଦସ୍ୟା, ଓଏସସିପିସିଆର୍ ମନସ୍ୱିତା ଖୁଣ୍ଟିଆ, ସଦସ୍ୟା, ଓଏସସିପିସିଆର୍ ତପନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କୋରାପୁଟ ଅବଦୁଲ ରେହେମାନ, ଆଇନ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରମୁଖ ମଞ୍ଚାସୀନ ଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ଅଧିକାଂଶ ଅଭିଯୋଗ ବିଭିନ୍ନ ବିଦ୍ୟାଳୟ ସହ ଜଡିତ ଥିବାବେଳେ, ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ସୁବିଧା ରାଶାନ କାର୍ଡ ନ ମିଳିବା ଏବଂ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆୟୋଗ ଶୁଣାଣି କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆୟୋଗ ପକ୍ଷରୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସ୍ନେହପ୍ରଭା ମାଝୀ, ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ତୃପ୍ତି ବୋରେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ ପ୍ରଶାନ୍ତ କୁମାର ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ କୋରାପୁଟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତ। ରାଣୀ ପାଣି, ଚେୟାରପର୍ସନ୍ ଶିଶୁ ମଙ୍ଗଳ ସମିତିର ଡା. ଗାୟତ୍ରୀ ଦେବୀ, ସଦସ୍ୟ ଶ୍ରୀ ସୁରେନ୍ଦ୍ର କରଣ ଏବଂ ସଦସ୍ୟା ଶ୍ରୀମତୀ ଶିବାନୀ ପାତ୍ର, ପୁଲିସ ବିଭାଗର ଅଧିକାରୀବୃନ୍ଦ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜନଶୁଣାଣି ସମୟରେ ଉଠିଥିବା ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଆୟୋଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ବେଆଇନ ବାଲି ଖନନ ଏବଂ ପରିବହନ ବିରୋଧ

ଗଜପତି, (ମହାଭାରତ) : ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ୦୩.୦୬.୨୦୨୬ ତାରିଖ ସନ୍ଧ୍ୟାରୁ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଅଭିଯାନ ସମୟରେ ଏକ ସଂଗଠିତ ବାଲି ଚୋରା ଚାଲାଣ ଚକ୍ରର ସନ୍ଧାନ ମିଳିଥିବା ବେଳେ ବାଲି ବୋଝେଇ ୭ଟି ଗାଡ଼ି (ଟ୍ରାକ୍ଟର ଏବଂ ଭାରୀ ଟିପର) ଜବତ କରାଯାଇଛି। ପୋଲିସ ଟିମ୍ ରାଜ୍ୟ ରାଜପଥ-୪ ଉପରେ ଏହି ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବେଆଇନ ଭାବରେ ବାଲି ଉତ୍ତୋଳନ, ରୟାଲଟି ଏବଂ ଟିକସ ଫାଙ୍କି, ଜାଲିଆତିପୂର୍ଣ୍ଣ ଚାଲାଣ ବ୍ୟବହାର, ଓଭରଲୋଡିଂ ଏବଂ ସରକାରୀ ଖଣିଜ ସମ୍ପତ୍ତି ଚୋରି କରି ପରିବହନ କରାଯାଉଥିଲା । ଏହା ଦ୍ୱାରା ସରକାରଙ୍କ ରାଜସ୍ୱର ବ୍ୟାପକ କ୍ଷତି ହେଉଥିବା ଅନୁମାନ କରାଯାଉଛି। ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ-୧୯୯, ୨୦୦, ୨୦୧, ୨୦୨, ୨୦୩, ୨୦୪, ୨୦୫ ଏବଂ ୨୦୬/୨୦୨୬ ରୁଜୁ କରାଯାଇଛି। ଏହି ମାମଲାଗୁଡ଼ିକରେ ମୋଟ ୧୩ ଜଣ ବ୍ୟକ୍ତି, ଯଥା ଗାଡ଼ି ମାଲିକ, ଚାଳକ ଏବଂ ବାଲି ପରିବହନ ସହିତ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତି ଜଡ଼ିତ ଥିବା ଜଣାପଡ଼ିଛି । ଟ୍ରାକ୍ଟର ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଚାଳକ ସୁରେଶ ସବର ଓ ମାଲିକ ଏସ୍. ବିଜୟ କୁମାର, ଚାଳକ ଦିନେଶ ଗୌଡ଼ ଓ ମାଲିକ ଏସ୍. ବିଜୟ କୁମାର, ଏବଂ ଚାଳକ ପ୍ରକାଶ ଗୌଡ଼ ଓ ମାଲିକ ଦିବାକର ଗୌଡ଼ଙ୍କୁ ଆଜି ମାନ୍ୟବର ନ୍ୟାୟାଳୟକୁ ଚାଲାଣ କରାଯାଉଛି । ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ବେଆଇନ ବାଲି ଖନନ ଏବଂ ପରିବହନ କାର୍ଯ୍ୟକଳାପ ଏକ ସଂଗଠିତ ଚକ୍ର ମାଧ୍ୟମରେ ଚାଲିଥିଲା ଏବଂ ଏଥିରୁ ବେଆଇନ ଆର୍ଥିକ ଲାଭ ହାସଲ କରାଯାଉଥିଲା। ଏହି ଚକ୍ର ସହିତ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୂମିକା ଓ ସଂପୃକ୍ତି ସମ୍ପର୍କରେ ତଦନ୍ତ ଜାରି ରହିଛି । ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବେଆଇନ ଖଣିଜ ଖନନ, ଚୋରା ଚାଲାଣ ଏବଂ ପରିବହନରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ବର୍ତ୍ତମାନ ମାମଲାଗୁଡ଼ିକର ତଦନ୍ତ ଚାଲୁ ରହିଛି। ବୋଲି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅନୁଗୁଳର ଦୁର୍ଦ୍ଧାନ୍ତ ନରହନ୍ତା ଦନ୍ତା ହାତୀକୁ ସାତକୋଶିଆରେ ଛାଡ଼ିବା ଯୋଜନାକୁ ନେଇ ତୀବ୍ର ବିରୋଧ



କରଞ୍ଜିଆ, (ମହାଭାରତ) : ଅନୁଗୁଳ ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଥିବା ଦୁର୍ଦ୍ଧାନ୍ତ ନରହନ୍ତା ଦନ୍ତା ହାତୀକୁ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜର ଦୁଆରଶୁଣୀ ଅଞ୍ଚଳରେ ଛାଡ଼ିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ହାତୀଟିକୁ ଏହି ଅଞ୍ଚଳରେ ସ୍ଥାନାନ୍ତର କରାଯିବା ଖବର ପ୍ରଚାରିତ ହେବା ପରେ ଗୁରୁବାର ସକାଳୁ ସ୍ଥାନୀୟ ଆଦିବାସୀ ଓ ସାଧାରଣ ଲୋକମାନେ ଏକତ୍ରିତ ହୋଇ ସାତକୋଶିଆ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପରିକି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବନ ବିଭାଗ ବିରୋଧରେ ନାରାବାଜି କରିଥିଲେ। ସୂଚନା ଅନୁଯାୟୀ, ଅନୁଗୁଳ ବନଖଣ୍ଡ ଅନ୍ତର୍ଗତ କୁସୁମଘାଟି ଏବଂ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ଧରି ଏହି ଦନ୍ତା ହାତୀଟି ଉପଦ୍ରବ ଚଳାଇ ଆସୁଥିଲା। ହାତୀ ଆକ୍ରମଣରେ କେତେକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଆନ୍ଦୋଳନ ମଧ୍ୟ ଦେଖାଦେଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ ବିଭାଗ ହାତୀଟିକୁ ଟ୍ରାଙ୍କୁଲାଇଜର ମାଧ୍ୟମରେ କାବୁ କରି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଗତକାଲି ରାତି ପ୍ରାୟ ୧୦ଟା ସମୟରେ ବନ ବିଭାଗର ସ୍ୱତନ୍ତ୍ର ହାତୀ ପରିବହନ ଗାର୍ଡ଼ି "ଐରାବତ" ଯୋଗେ ହାତୀଟିକୁ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜର ଦୁଆରଶୁଣୀ ଅଞ୍ଚଳକୁ ଅଣାଯାଇଥିବା ସୂଚନା ମିଳିଥିଲା। ରାତିରେ ହାତୀକୁ ଜଙ୍ଗଲ ଭିତରେ ଛାଡ଼ିବା ପାଇଁ ବନ ବିଭାଗ ଯୋଜନା କରିଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଫଳରେ ହାତୀ ଛାଡ଼ିବା ପ୍ରକ୍ରିୟାକୁ ନେଇ ପରିସ୍ଥିତି ଉତ୍ତପ୍ତ ହୋଇପଡ଼ିଥିଲା। ପ୍ରତିବାଦକାରୀଙ୍କ କହିବା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ଅଞ୍ଚଳ ଏବଂ ଏହାର ଆଖପାଖରେ ବହୁ ସଂଖ୍ୟକ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନଙ୍କ ଜୀବନ ଓ ଜୀବିକା ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭରଶୀଳ। ପ୍ରତିଦିନ ସେମାନେ ଜଙ୍ଗଲରୁ ମହୁଲ ଫୁଲ, ଶାଳ ପତ୍ର, ମୂଳ, କନ୍ଦ ଏବଂ ବିଭିନ୍ନ ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏପରି ସ୍ଥିତିରେ ଜଣେ ନରହନ୍ତା ହାତୀକୁ ଏହି ଅଞ୍ଚଳରେ ଛାଡ଼ି ଦେଲେ ସ୍ଥାନୀୟ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ଜୀବିକା ମଧ୍ୟ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଗୁରୁବାର ସକାଳୁ ଶତାଧିକ ଗ୍ରାମବାସୀ ସାତକୋଶିଆ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବନ ବିଭାଗର ଏହି ପଦକ୍ଷେପକୁ ବିରୋଧ କରିଥିଲେ। ପରେ ସେମାନେ କାର୍ଯ୍ୟାଳୟ ଘେରାଉ କରି ମୁଖ୍ୟ ଗେଟରେ ତାଲା ପକାଇଥିଲେ। ଗେଟ ସମ୍ମୁଖରେ ବସି ରହି ସେମାନେ ଦାବି କରିଥିଲେ ଯେ, ଯେଉଁ ହାତୀକୁ ଅନୁଗୁଳରେ ଲୋକଙ୍କ ସୁରକ୍ଷା ପାଇଁ ସ୍ଥାନାନ୍ତର କରାଯାଉଛି, ସେହି ହାତୀକୁ ଅନ୍ୟ ଅଞ୍ଚଳରେ ଛାଡ଼ିବା ପରିବର୍ତ୍ତେ ସିମିଳିପାଳ ଭଳି ବଡ଼ ଜଙ୍ଗଲ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ବନାଞ୍ଚଳକୁ ନିଆଯାଉ। ଅପରପକ୍ଷରେ ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବା ବେଳେ ଖବର ଲେଖା ହେବା ସୁଦ୍ଧା କୌଣସି ବରିଷ୍ଠ ବନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଶେଷ ଖବର ସୁଦ୍ଧା ସ୍ଥାନୀୟ ଲୋକମାନେ ନରହନ୍ତା ଦନ୍ତା ହାତୀକୁ ସାତକୋଶିଆ ରେଞ୍ଜ ଅଞ୍ଚଳରେ ନ ଛାଡ଼ିବା ପାଇଁ ଦୃଢ଼ ଦାବିରେ ଅଟଳ ରହିଥିବା ବେଳେ ରେଞ୍ଜ କାର୍ଯ୍ୟାଳୟ ଗେଟରେ ତାଲା ପକାଇ ଧାରଣା ଜାରି ରଖିଛନ୍ତି। ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ ପରବର୍ତ୍ତୀ ସମୟରେ କେଉଁ ନିଷ୍ପତ୍ତି ନିଆଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବଜ୍ରାଘାତରେ ଯୁବକ ମୃତ

ହିନ୍ଦୋଳ(ମହାଭାରତ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ର୍ନିବାଚନମଣ୍ଡଳୀ ହିନ୍ଦୋଳ ଉପଖଣ୍ଡରେ ଆଜି ବଜ୍ରପାତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ଆଜି ଅପରାହ୍ନ ୪ଟା ବେଳେ ହିନ୍ଦୋଳ ଉପଖଣ୍ଡ ରସୋଲଥାନା ଅନ୍ତର୍ଗତ ବୁହାଳୀପାଳ ଗ୍ରାମର ସୁରେଶ ରାଉତଙ୍କ ପୁଅ ସମୀର ରାଉତ(୩୦) ନିକଟରେ ଥିବା ତାଙ୍କ ଖଜୁରୀଗଛ ବଗିଚାକୁ ଯାଇଥିବାବେଳେ ହଟାତ କାଳବୈଶାଖୀ ସହ ମେଘପବନ ଆସିବାରୁ ସମୀର ଏକ ଗଛ ନିକଟକୁ ଯାଇ ଆଶ୍ରୟ ନେଇଥିଲେ। ମାତ୍ର ସେହି ଗଛସହ ସମୀର ରାଉତକୁ ହଟାତ ଖୁବଜୋରରେ ଘଡଘଡି ସହ ବିଜୁଳି ମାରିବାରୁ ସେହିଠାରେ ସମୀର ଟଳି ପଡ଼ିଥିଲେ। ତେବେ ଖବରପାଇ ପରିବାର ଲୋକେ ସମୀରଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିବାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପରେ ଆସନ୍ତାକାଲି ଶବବ୍ୟବଚ୍ଛେଦ ହେବବୋଲି ଡାକ୍ତରଖାନା ସୂତ୍ରରୁ ପ୍ରକାଶୟ ସମୀର ରାଉତଙ୍କ ବଜ୍ରାଘାତରେ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିବାବେଳେ ମୃତ ସମୀର ରାଉତଙ୍କୁ କ୍ଷତିପୂରଣ ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ବୁହାଳୀପାଳ ଗ୍ରାମବାସି ରାଜ୍ୟସରକାର ଓ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତ।

## ସମାଜସେବୀଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

କପ୍ତିପଦା(ମହାଭାରତ) : ଉଦଳାରେ ଥିବା ଆଶୀର୍ବାଦ ଧର୍ମଶାଳାରେ ସମାଜସେବୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗେନ୍ଦ୍ର କର ଉପସ୍ଥିତ ରହି ଉଦଳା ବିଧାୟକ ଭାସ୍କର ମଢେଇ ଗତ ବୁଧବାର ଉଦଳା ରଥ ଖଳା ଠାରେ ଆୟୋଜିତ ବୈଠକରେ ଉଦଳାରେ ଚାଲିଥିବା ଉନ୍ନୟନ କାମରେ ବଟି ନେଉଛନ୍ତି ବୋଲି କହିଥିବା ଅଭିଯୋଗ କରିଥିଲେ ସମାଜସେବୀ। ଯାହାକୁ ଏହି ବୈଠକରେ ତୀବ୍ର ବିରୋଧ କରିଥିଲେ ସମାଜସେବୀ। ତେଣୁ ଅଭିଯୋଗ ଆଣି ସମାଜସେବୀ ପକ୍ଷରୁ ଯୋଗେନ୍ଦ୍ର କର କହିଛନ୍ତି ବିଧାୟକ କହିଥିବା ଉକ୍ତି ପ୍ରମାଣ କରି ଦେଖାନ୍ତୁ ନଚେତ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ, ଯଦି ଏହା ନ ହୁଏ ତେବେ ଆଗାମୀ ଦିନରେ ଉଦଳା ବନ୍ଦ ହେବ ବୋଲି ସମାଜସେବୀ ଚେତାବନୀ ଦେଇଛନ୍ତି। ସେପଟେ ବିଧାୟକ କହିଛନ୍ତି ମୁଁ କାହାକୁ ଆକ୍ଷେପ କରି କୌଣସି ମତ ଦେଇ ନାହିଁ।

## ଓଡିଶା ସହ ପ୍ରଭାରୀଙ୍କୁ ଜୁନାଗଡ଼ ବ୍ଲକ କଂଗ୍ରେସର ଭବ୍ୟ ସମ୍ବର୍ଦ୍ଧନା



ଜୁନାଗଡ(ମହାଭାରତ୍) :ଓଡ଼ିଶାରେ ଅଗାମୀ ପଂଚାୟତ ର୍ନିବାଚନକୁ ନେଇ ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି।ଏହି କ୍ରମରେ କଂଗ୍ରେସ ଦଳ ପକ୍ଷରୁ ମଧ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜି କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ତଥା ଓଡ଼ିଶାର ସହ ପ୍ରଭାରୀ ଜେଟି କୁସୁମ କୁମାରୟତାଙ୍କର ଏହି କଳାହାଣ୍ଡି ଗସ୍ତ ସମୟରେ ଜୁନାଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ଥାନୀୟ ବ୍ଲକ ଛକରେ ବ୍ଲକ ସଭାପତି ଚିତ୍ତ ରଞ୍ଜନ ନିଆଲଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଜଣାଇଥିଲେ।ଏହି ସମୟରେ ବ୍ଲକ ମହିଳା କଂଗ୍ରେସ ସଭାପତି ରଶ୍ମିତା ତାଣ୍ଡି, ନାନ୍ଦୋଳ ଯୋନ ସଭାପତି ଫିରୋଜ ମାଝୀ, ଆଟିଗାଁ ଜୋନ ସଭାପତି ପ୍ରେମଲାଲ ମେହେର, ଉଦିତ ସରାଫ, ଅଜୟ ଠାକୁର, ସୁନିତା ବାଗ, ସୀତା ବାଗ,କଳ୍ପନା ଧଙ୍ଗଡାମାଝୀ ପ୍ରମୁଖ କଂଗ୍ରେସ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

## କର୍ମଚାରୀଙ୍କ ଇଭି କାରକୁ ଚାର୍ଜ କରିବାକୁ ନେଇ ବ୍ଲକ ଗଣୁଛି ତଣ୍ଡ

ହାଟଡିହି (ମହାଭାରତ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ କାର୍ଯ୍ୟରତ କର୍ମଚାରୀ ମାନେ ମାଗଣାରେ ନିଜ ନିଜର ଦୁଇ ଏବଂ ଚାରି ଚକିଆ ବିଦ୍ୟୁତ ଚାଳିତ ଗାଡିର ବ୍ୟାଟେରୀ ଚାର୍ଜିଂ କରୁଥିବା ଦେଖିବାକୁ ମିଳୁଛି। ଯାହା କି ମାଗଣାରେ ଚାର୍ଜିଂ କରିବା ପାଇଁ କର୍ମଚାରୀ ମାନଙ୍କର ଏକ ନୀତି ଦିନିଆ ଅଭ୍ୟାସ ହୋଇ ଗଲାଣି । ବ୍ଲକ ତରଫରୁ ବିଦ୍ୟୁତ ବିଭାଗକୁ ଲକ୍ଷାଧିକ ଟଙ୍କା ବିଦ୍ୟୁତ ବିଲ ବାବଦରେ ପୈଠ କରାଯାଉଛି । କିନ୍ତୁ ଯେଉଁ କର୍ମଚାରୀ ମାନେ ବ୍ଲକ ରେ ନିଜ ନିଜ ବିଦ୍ୟୁତ ଚାଳିତ ଗାଡ଼ିର ବ୍ୟାଟେରୀ ଚାର୍ଜିଂ କରୁଛନ୍ତି ସେମାନେ କୌଣସି ଦେୟ ପ୍ରଦାନ କରୁ ନାହାଁନ୍ତି ।ଆର୍ଥିକ ନିଜ ପରିବାର ଖର୍ଚ୍ଚରୁ ରକ୍ଷା ପାଇବା ପାଇଁ କର୍ମଚାରୀ ମାନେ ନିଜ ନିଜର ଗାଡି ବ୍ୟାଟେରୀକୁ ଘରେ ଚାର୍ଜିଂ କରୁ ନାହାଁନ୍ତି । ବିନା ବାଧା ଏବଂ ଦ୍ୱିଧା ରେ ଗାଡ଼ି ବ୍ୟାଟେରୀକୁ ବ୍ଲକ ପରିସରରେ ଚାର୍ଜିଂ କରୁଛନ୍ତି । କେତେକ କର୍ମଚାରୀ ନିଜ ଗାଡିର ବ୍ୟାଟେରୀକୁ ଗାଡ଼ିରୁ ବାହାର କରି ବ୍ଲକ ଅଫିସ ଗୃହ ଭିତରେ ଲୁଚାଣିଆଁ ଚାର୍ଜିଂ କରୁଛନ୍ତି ତ ଆଉ କିଏ ର୍ନିଭୟ ରେ ବ୍ଲକ ଅଫିସ ଗୃହ ବାହାରେ ଲମ୍ବା ତାର ଯୋଡ଼ି ଚାର୍ଜିଂ କରୁଛନ୍ତି । ଏଥିପ୍ରତି ବ୍ଲକ କର୍ତ୍ତୃପକ୍ଷ ନଜର ନଦେଇ ମାସ ପୁରିଲେ କେବଳ ବିଦ୍ୟୁତ ବିଲ ପୈଠ କରୁଛନ୍ତି ।

### କୋଟିଏ ଟଙ୍କାରୁ ଉର୍ଦ୍ଧ ପରିମାଣର ଗଞ୍ଜେଇ ଜବତ

# ଆନ୍ତରାଜ୍ୟ ଚାଲାଣକାରୀ ଗିରଫ



କନ୍ଧମାଳ(ମହାଭାରତ)::କନ୍ଧମାଳ ପୋଲିସକୁ ମିଳିଛି ସଫଳତା । ଏସପି ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଗୋଛାପଡ଼ା ଥାନା ଅଧିକାରୀଙ୍କ ନେତୃତ୍ୱରେ ଲୁଇସିଂ ଠାରେ ପୋଲିସ ଟିମ ଚଢାଉ କରି ଗୋଟିଏ ଟାଟା ୧୪ ଚକିଆ ଟ୍ରକ ରୁ ୧୪୭୦ କିଲୋ ୮୦୦ ଗ୍ରାମ ଗଞ୍ଜେଇ ସହ ଜଣେ ଅନ୍ତରାଜ୍ୟ ଚୋରାଚାଲାଣ କାରିଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ଗିରଫ ଅଭିଯୁକ୍ତ ହେଲେ ଯୋଗେଶ ମୀନା, ପିତା-ସ୍ୱର୍ଗତ ବିଷ୍ଣୁପ୍ରସାଦ ମୀନା, ଗ୍ରାମ ଆଖବରପୁର, ଥାନା ବାରୋଠା, ଜିଲ୍ଲା ଦୋସ, ମଧ୍ୟପ୍ରଦେଶର ବାସିନ୍ଦାୟ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ମୋଟ ୪୯ଟି ବସ୍ତାରେ ଭର୍ତ୍ତିଗଞ୍ଜେଇ ଜବତ କରିଛି। ପ୍ରତ୍ୟେକ ବସ୍ତାରେ ୩୦ କେଜି ଲେଖାଏଁ ଗଞ୍ଜେଇ ଥିବାବେଳେ ମୋଟ ଜବତ ଗଞ୍ଜେଇର ପରିମାଣ ୧୪୭୦ କେଜି ହୋଇଛି। ବସ୍ତା ସହିତ ମୋଟ ଓଜନ ୧୪୭୯ କେଜି ୮୦୦ ଗ୍ରାମ ରହିଛି। ଏହାଛଡ଼ା ଗଞ୍ଜେଇ ପରିବହନରେ ବ୍ୟବହୃତ ଏକ ଟାଟା ୧୪ ଚକିଆ ଟ୍ରକ ଏବଂ ଗୋଟିଏ ଓପୋ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବାବେଳେ ଗଞ୍ଜେଇ ଚୋରାଚାଲାଣ ନେଟୱାର୍କ ସମ୍ପର୍କରେ ଖୋଳତାଡ଼ ଚାଲିଛି। ଅନ୍ୟପଟେ ଜିଲ୍ଲାର ଅନ୍ୟାନ୍ୟ ଥାନା ଅଞ୍ଚଳରେ ଚଢାଉ କରାଯାଇ ୪ ଟି ଚାରିଚକିଆ ଯାନ ସହ ୪ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ୪ ଜଣ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବିହାର ର ରଜନୀଶ କୁମାର ସିଂହ, ଅନୁଗୁଳ ର ସୁଜି ଦେହୁରୀ, ଏବଂ ସ୍ଥାନୀୟ ଅଂଚଳର ବାପିନା କହଁର ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ସମୁଦାୟ ୧୮୦୦ କିଲୋ ଗଞ୍ଜେଇ ଜବତ ହୋଇଛି ଯାହାର ଆନୁମାନିକ ବଜାର ମୂଲ୍ୟ ୧ କୋଟି ୮ ଲକ୍ଷ ହେବ ବୋଲି ଏସପି ରମେନ୍ଦ୍ର ପ୍ରସାଦ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ସାମାନ୍ୟ ପବନରେ ଦେବଗିରି ପାହାଡ଼ ମୁଖ୍ୟ ପ୍ରବେଶ ଗେଟ ଭୁଶୁଡ଼ିଲା

ଗଜପତ(ମହାଭାରତ): ଜିଲ୍ଲା ଗୁମ୍ମା ବ୍ଲକର ପ୍ରସିଦ୍ଧ ଐତିହାସିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଦେବଗିରି ପାହାଡ଼ର ମୁଖ୍ୟ ପ୍ରବେଶ ଗେଟ ସାମାନ୍ୟ ପବନରେ ଭାଙ୍ଗିପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ନିକଟରେ ଏହି ପ୍ରବେଶ ଦ୍ୱାର ର୍ନିମାଣ କରାଯାଇଥିଲା। ହେଲେଏତେ ଶୀଘ୍ର ଏହା ଭୁଶୁଡ଼ି ପଡ଼ିବା ର୍ନିମାଣ କାର୍ଯ୍ୟର ସ୍ଥାୟିତ୍ୱ ଓ ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିମ୍ନମାନର କାର୍ଯ୍ୟ ନେଇ ସଙ୍ଗୀନ ଅଭିଯୋଗ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗେଟ ର୍ନିମାଣ ସମୟରେ କୌଣସି ପ୍ରକାରର ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇନଥିଲାକିମ୍ବା ଉଚ୍ଚ ଗୁଣାତ୍ମକ ସାମଗ୍ରୀର ବ୍ୟବହାର ହୋଇନଥିଲା। ବ୍ୟାପକ ଅନିୟମିତତା ଯୋଗୁଁ ଏହି ର୍ନିମାଣ କାର୍ଯ୍ୟ ଅତ୍ୟନ୍ତ ଦୁର୍ବଳ ହୋଇଥିଲା। ଫଳରେ କୌଣସି ବଡ଼ ବାତ୍ୟା କିମ୍ବା ଝଡ଼ ନୁହେଁ ବରଂ ସାଧାରଣ ହାଲୁକା ପବନକୁ ମଧ ଏହି ଗେଟ ସହ୍ୟ କରିପାରିନାହିଁ। ଦେବଗିରି ପାହାଡ଼କୁ ପ୍ରତିଦିନ ଅନେକ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଯାତାୟତ କରିଥାନ୍ତି । ସୌଭାଗ୍ୟବଶତଃ, ଗେଟ ଭାଙ୍ଗିବା ସମୟରେ ସେଠାରେ କୌଣସି ପର୍ଯ୍ୟଟକ ଉପସ୍ଥିତ ନଥିଲେ।ଜନସାଧାରଣଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକେ ଏହାର ତଦନ୍ତ ଦାବି କରିଛନ୍ତି।ସରକାରୀ ଅର୍ଥର ଏଭଳି ଅପବ୍ୟବହାର ଏବଂ ପର୍ଯ୍ୟଟନସ୍ଥଳୀର ବିକାଶ ନାଁରେ ଚାଲିଥିବା ଏହି ଅଧପନ୍ତରିଆ କାମକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କାମର ତଦାରଖ କରୁଥିବା ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବାଦାୟୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିଅଭିଯୋଗ ହେଉଛି । ଯଦି ସାମାନ୍ୟ ପବନରେ ଲକ୍ଷ ଲକ୍ଷ ଟଙ୍କାର ଗେଟ ଭାଙ୍ଗିପଡୁଛି, ତେବେ ଏହାର ର୍ନିମାଣ କାର୍ଯ୍ୟ କେତେ ନିମ୍ନମାନର ଥିଲା ତାହା ସହଜେ ଅନୁମେୟ। ଏଥିପାଇଁ ପ୍ରକୃତରେ ଦାୟୀ କିଏ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତ। ଅଞ୍ଚଳବାସୀ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଥିବା ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ ଆଇନଗତ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଜିଲ୍ଲା ସ୍ତରୀୟ ଠିକାଦାର ସଂଘ ପଦାଧିକାରୀ ସମ୍ମିଳନୀ ଅନୁଷ୍ଠିତ



ପାଟଣା(ମହାଭାରତ)::କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କଲ୍ୟାଣୀ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଠିକାଦାର ସଂଘ ପଦାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ କୁ ସାହାରପଡ଼ା ଠିକାଦାର ସଂଘ ସଭାପତି କରୁଣା ସାଗର ଖାଟୁଆ ଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଜିଲ୍ଲା ସ୍ତରୀୟ ଠିକାଦାର ସଂଘ ପଦାଧିକାରୀ ସମ୍ମିଳନୀ ର ମୁଖ୍ୟ ଉଦ୍ଦେଶ୍ୟ ନିଜ ବ୍ଲକ ର ସରକାରୀ ଟେଣ୍ଡର କାର୍ଯ୍ୟ କୁ ଜିଲ୍ଲା କିମ୍ବା ଅନ୍ୟ ବ୍ଲକ ର ଲାଇନ୍ସ ପ୍ରାପ୍ତ ଠିକାଦାର ଟେଣ୍ଡର ପ୍ରାପ୍ତ ର୍ନିମାଣ କାର୍ଯ୍ୟ କି ବ୍ଲକ ଠିକାଦାର ସଂଘ ଅନୁମତି ବିନା ଟେଣ୍ଡର କାର୍ଯ୍ୟ କରି ପାରିବ ନାହିଁ। ଯଦି ଟେଣ୍ଡର ଧାରି କାର୍ଯ୍ୟ କରିବାକୁ ଚାହେଁ ବ୍ଲକ ଠିକାଦାର ସଂଘ ଅନୁମତି ଲଡିବା ଧାର୍ଯ୍ୟ ବୋଲି ସମ୍ମିଳନୀ ରେ ସର୍ତ୍ତ ସ୍ଥିର ହେବା ସହିତ ସରକାରୀ କ୍ଷେତ୍ର ଏହା କୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ସମ୍ମିଳନୀ ରେ ଉପସ୍ଥିତ ସମସ୍ତ ପଦାଧିକାରୀ ମାନେ ମା ତାରିଣୀ ଙ୍କ ଫୋଟ ଚିତ୍ର ଉପରେ ପୁଷ୍ପ,ଦୂପ,ଦୀପ ନଡିଆ ଫିଟି ପୂଜାଅର୍ଚ୍ଚନା କରି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା। ସମ୍ମିଳନୀ କାର୍ଯ୍ୟକ୍ରମ ରେ ସାହାରପଡ଼ା ଠିକାଦାର ସଂଘ ପକ୍ଷରୁ ମଞ୍ଚାସିନ ଅତିଥି ମାନଙ୍କୁ ଉପଢ଼ଙ୍କ ପୁଷ୍ପ ଗୁଚ୍ଛ ମାତାରିଣୀ ଙ୍କ ଫୋଟ ଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

### ଚୋରା ବାଲି ଚାଲାଣ ଉପରେ ପୁଲିସର ଚଢ଼ାଉ

## ୪ ହାଇୱା ଓ ୩ ଟ୍ରାକ୍ଟର ଜବତ



ପାରଳାଖେମୁଣ୍ଡି(ମହାଭାରତ): ଗଜପତି ଜିଲ୍ଲାରେ ଚୋରା ବାଲି ଚାଲାଣ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରିଛି। ବିଳମ୍ବିତ ରାତିରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପକ୍ଷରୁ ସହର ମଧ ଦେଇ ଚାଲାଣ ହେଉଥିବା ବାଲି ବୋଝେଇ ଗାଡ଼ିଗୁଡ଼ିକ ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ୪ଟି ହାଇୱା ଓ ୩ଟି ଟ୍ରାକ୍ଟରକୁ ଅଟକାଇ ତଦନ୍ତ କରାଯାଇଥିଲା। ପୁଲିସ ସୂଚନା ଅନୁଯାୟୀ, ଗାଡ଼ିଗୁଡ଼ିକର ଚାଳକମାନେ ବାଲି ପରିବହନ ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ ଓ ଅନୁମତିପତ୍ର ଦେଖାଇବାରେ ବିଫଳ ହୋଇଥିଲେ।ଫଳରେ ସମସ୍ତ ଗାଡ଼ିକୁ ଜବତ କରାଯାଇ ଥାନାରେ ଅଟକ ରଖାଯାଇଛି। ବେଆଇନ ବାଲି ଚାଲାଣ ସହ ଗାଡ଼ିଗୁଡ଼ିକର ସମ୍ପୃକ୍ତି ରହିଛି କି ନାହିଁ ଏବଂ ବାଲି କେଉଁଠାରୁ ଆସୁଥିଲା ଓ କେଉଁଠାକୁ ନିଆଯାଉଥିଲା, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାରେ ବେଆଇନ ଖଣିଜ ସମ୍ପଦ ଚାଲାଣ ଉପରେ ପୁଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ ଆହୁରି କଡାକଡି ହେବ ବୋଲି ଜଣାପଡ଼ିଛି।

## ଆରମ୍ଭ ହେଲା ନଛିପୁର ପ୍ରିମିଅର୍ ଲିଗ୍

ଦଶପଲ୍ଲା ,(ମହାଭାରତ):- ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ନଛିପୁର ଠାରେ ମହାବୀର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ନଛିପୁର ପ୍ରିମିଅର୍ ଲିଗର ଉଦ୍ଘାଟିତ ହୋଇଯାଇଛି।ଏହି ଉଦଘାଟନୀ ଲିଗ ରେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବ୍ଲକ ପୂର୍ବତନ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ ଓ ସରିଗଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅମୀୟ ନାୟକ ଯୋଗ ଦେଇଥିଲେ। ଆଜି ପ୍ରଥମ ମ୍ୟାଚରେ ବ୍ୟାଟିଂ କରି ସ୍ମିତି ଇଲେଭେନ୍ ୧୧ ଦଳ ୧୨ ଓଭରରେ ୧୫୯ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ରିତିକା ଇଲେଭେନ୍ ୧୧ ଦଳ ୧୧ ଓଭରରେ ୮୧ ରନ୍ ସଂଗ୍ରହ କରି ମ୍ୟାଚ୍ ଟି ହାରି ଯାଇଥିଲେ। ଏହି ମ୍ୟାଚ୍ ଟି ସ୍ମିତି ଇଲେଭେନ୍ ଦଳ ବିଜୟ ଲାଭ କରିଥିଲାୟ ଏହି ଦଳର ଲଫିନସନ୍ ସାହୁ ୨୧ ବଲରେ ଧୂଆଁଧାର ୪୫ ରନ୍ ସଂଗ୍ରହ କରିଥିଲେୟ ମହାବୀର କ୍ରିକେଟ କ୍ଲବର ପଦ୍ମଚରଣ ପ୍ରଧାନ, ବେଣୁଧର ବେହେରା, ଜଗନ୍ନାଥ ନାୟକ, ବାବୁଲା ଦଳ ବେହେରା, ପ୍ରଭାତ ନାୟକ, ରାମଚନ୍ଦ୍ର ନାୟକ, ଆଲୋକ ବେହେରା, ସମୀର ସାହୁ, ଶେଷଦେବ ଖମାରୀ, ସଞ୍ଜୟ ନାୟକ ଓ ସୌମ୍ୟରଞ୍ଜନ ଖମାରୀ ପ୍ରମୁଖ ଏନ୍.ପି.ଏଲ୍ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ଲାଗିଲା ଏସି



ଗଜପତି(ମହାଭାରତ): ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ଏସିୟ ଗରମ ଦାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି। ସାରା ରାଜ୍ୟ ଗ୍ରୀଷ୍ମ ପ୍ରବାହର ପ୍ରକୋପରେ ଆଉଟପାଉଟ ହେଉଥିବା ବେଳେ ଗଜପତି ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଅବସ୍ଥା କହିଲେ ନସରେ। ରୋଗୀ ୱାର୍ଡ ଗୁଡିକରେ ଏସି ନଥିବାରୁ ଗରମରେ ବହୁ କଷ୍ଟ ଭୋଗୁଥିଲେ ରୋଗୀୟ ଏପରି ସମୟରେ ରୋଗୀଙ୍କ ଅବସ୍ଥା ବୁଝିବାକୁ ହସ୍ପିଟାଲରେ ପହଞ୍ଚିଥିଲେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ରୋଗୀଙ୍କ ଦୁଃଖକୁ ହୃଦୟଙ୍ଗମ କରିଥିଲେ ବିଧାୟକ । ବାରମ୍ବାର ହସ୍ପିଟାଲ ଗସ୍ତ କରି ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ହସପିଟାଲ୍ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ୱାର୍ଡରେ ଏସି ଲଗେଇବା ବ୍ୟବସ୍ଥା ରଖିଛନ୍ତି। ଫଳରେ ଗରମ ଦାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି। ସମସ୍ୟା ନେଇ ବାରମ୍ବାର ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ହୋଇ ପାରି ନଥିଲା ଏସି ଲଗେଇବା ବ୍ୟବସ୍ଥାୟ ଅର୍ଥ ମଞ୍ଜୁର ହୋଇନଥିବାରୁ ଏହା ହୋଇ ପାରି ନଥିବା ବେଳେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ହସ୍ପିଟାଲର ସ୍ଥିତି ଅନୁଧାନ କରିବା ସହ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ।ସମସ୍ତ ୱାର୍ଡରେ ଏସି ଲାଗିବା ଫଳରେ ବର୍ତ୍ତମାନ ଆଶ୍ୱସ୍ତ ମିଳିଥିବା କହିଛନ୍ତି ରୋଗୀ ଓ ରୋଗୀ ସମ୍ପର୍କୀୟ। ବିଧାୟକ ନିଜେ ଏହାର ଦାୟିତ୍ୱ ନେଇ ଏହାର ସମାଧାନ କରିଥିବାରୁ ବିଧାୟକଙ୍କୁ ସାଧୁବାଦ ଜଣାଉଛି ହସପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ।ଏହି ବିଷୟ ରେ ଗଣ ମଧମ ରେ ଗଣ ମଧମ ପ୍ରତି ନିଧି ଖବର ବାରମ୍ବାର ପ୍ରସାରଣ କରିଥିଲେ ଯାହା ଫଳ ରେ ଆଜି ସମସ୍ୟା ସମାଧାନ ହୋଇ ପାରିଛି ତେଣୁ ମାନ୍ୟବର ବିଧୟକ ଗଣ ମାଧମକୁ ଧନ୍ୟ ବାଦ ଦେଇଛନ୍ତି।

### ସରକାରୀ ଜମିକୁ ନେଇ ଦୁଇ ଗ୍ରାମ ମଧ୍ୟରେ ସଂଘର୍ଷ

# ପୋଲିସ ଫୋର୍ସ ମୁତୟନ, ଘଟଣା ସ୍ଥଳରେ ଏସଡିପିଓ



ହାଟଡ଼ିହି(ମହାଭାରତ) :ସରକାରୀ ଜମିକୁ ନେଇ କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ତେନ୍ତୁଳି ନଣ୍ଡା ଗ୍ରାମର ଗ୍ରାମବାସୀ ଏବଂ ନନ୍ଦିପଦା ଥାନା ଅଧୀନ ଶଙ୍ଖଣା ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା ।ଉଭୟ ଗ୍ରାମବାସୀ ପରସ୍ପର ଉପରକୁ ଟେକା,ପଥର ମାଡ଼ କରିବା ଫଳରେ ୪ ଜଣ ଆହତ ହୋଇଥିଲେ। ଖବର ପାଇ ତୁରନ୍ତ ଉଭୟ ଥାନାର ଥାନା ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଦୁଇ ଗ୍ରାମ ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ଏକ ଶାନ୍ତିପୂର୍ଣ୍ଣ ବୈଠକ ନିମନ୍ତେ ପରାମର୍ଶ ଦେଇଛନ୍ତି । ଏସଡିପିଓ ପଣ୍ଡା କହିଛନ୍ତି ଯେ ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ଠିକଠାକ ଅଛି । ବିବାଦୀୟ ସରକାରୀ ଜମିର ସୀମା ର୍ନିଦ୍ଧାରଣ ପାଇଁ ହାଟଡିହୀ ତହସିଲଦାରଙ୍କୁ ଜଣାଇଛୁ । ପୋଲିସ ପାଟ୍ରୋଲିଂ ଜାରି ରହିଛି । ଗ୍ରାମବାସୀ ମାନେ ଥାନାକୁ ଯାଇଥିଲେ ଏବଂ ସେମାନେ ମାମଲା ରୁଜୁ କରିବାକୁ ଇଚ୍ଛୁକ ନୁହଁନ୍ତି । ଯଦି ଭବିଷ୍ୟତରେ କୌଣସି ଲିଖିତ ରିପୋର୍ଟ ଆସେ ତେବେ ମାମଲା ରୁଜୁ କରାଯିବ । ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି ଯେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଅନ୍ୟ କର୍ମଚାରୀ ମାନେ ଘଟଣା ସ୍ଥଳରେ ମୃତୟନ ଅଛନ୍ତି ।ସୂଚନା ଅନୁସାରେ ତେନ୍ତୁଳି ନଣ୍ଡା ଗ୍ରାମରେ ସରକାରୀ ଗୋଚର ଜମି ରହିଛି। ସେହି ଜମିରେ ଶଙ୍ଖଣା ଗ୍ରାମର ଜଣେ ଗ୍ରାମବାସୀ କିଛି ଅଂଶ ଜବରଦଖଲ କରି ଗାଡ଼ିଆ ତିଆରି କରିଛନ୍ତି। ଏହାକୁ ଦେଖି ତେନ୍ତୁଳି ନଣ୍ଡା ଗ୍ରାମର ଲୋକେ ସେହି ଗାଡ଼ିଆକୁ ମାଟି ପକାଇ ପୋତିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତାହା କରିବାକୁ ଚେଷ୍ଟା କରିଥିଲେ। ଏହି କାରଣରୁ ବିବାଦ ସୃଷ୍ଟି ହୋଇଥିଲା ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଭାରତ-ରୁଷ ବିମାନ ଚୁକ୍ତି: ଦେଶରେ ନିର୍ମିତ ହେବ ଯାତ୍ରୀବାହୀ ସୁଖୋଇ ବିମାନ



ନୂଆଦିଲ୍ଲୀ : ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏକ ନୂତନ ଏବଂ ଐତିହାସିକ ଯୁଗର ଆରମ୍ଭ ହେବାକୁ ଯାଉଛି। ଭାରତ ଏବଂ ରୁଷ ମଧ୍ୟରେ ଏକ ବଡ଼ ଧରଣର ବିମାନ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ସୂଚନା ମିଳିଛି, ଯାହା ଆଗାମୀ ଦିନରେ ବିଶ୍ୱ ବିମାନ ପରିବହନ ବଜାରର ସମ୍ପୂର୍ଣ୍ଣ ଚିତ୍ର ବଦଳାଇ ଦେବାର କ୍ଷମତା ରଖିଛି। ରୁଷର ରାଷ୍ଟ୍ରାୟତ୍ତ ବିମାନ ନିର୍ମାତା କମ୍ପାନୀ ''ୟୁନାଇଟେଡ୍ ଏୟାରକ୍ରାଫ୍ଟ କର୍ପୋରେସନ''ର ମୁଖ୍ୟ ଭାଦିମ ବାଦିଖା ଏକ ବିବୃତିରେ ପ୍ରକାଶ କରିଛନ୍ତି ଯେ, ଭାରତୀୟ ବିମାନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଦୁଇଟି ଆଧୁନିକ ରୁଷୀୟ ଯାତ୍ରୀବାହୀ ବିମାନ ସୁଖୋଇ ଏସଜେ-୧୦୦ ଏବଂ ଆଇ୧-୧୧୪-୩୦୦ ପ୍ରତି ଗଭୀର ଆଗ୍ରହ ପ୍ରକାଶ କରିଛନ୍ତି। ଏହି ମେଗା ପ୍ରକଳ୍ପର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଏହା ଦ୍ୱାରା ବଡ଼ ପ୍ରୋତ୍ସାହନ ମିଳିବ। ରୁଷିଆନ୍ ପ୍ରତିରକ୍ଷା ଓ ବେସାମରିକ ଅଧିକାରୀଙ୍କ ସୂଚନା ମୁତାବକ, ଭାରତ ଏହି ଆଧୁନିକ ବିମାନଗୁଡ଼ିକୁ କେବଳ କ୍ରୟ କରିବ ନାହିଁ, ବରଂ ଏହି ସମସ୍ତ ବିମାନ ସମ୍ପୂର୍ଣ୍ଣ ଭାରତୀୟ ମାଟିରେ ହିଁ ନିର୍ମାଣ କରାଯିବ। ଏଥିପାଇଁ ଭାରତର ସରକାରୀ ପ୍ରତିରକ୍ଷା ସଂସ୍ଥା ''ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍'' ଏବଂ ରୁଷର ୟୁଏସି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି. ଯୋଜନା ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ଭାରତୀୟ କାରଖାନାରେ ଏହି ସୁପରଜେଟ୍ ବିମାନଗୁଡ଼ିକର ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇଯିବ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ବାର୍ଷିକ କ୍ଷମତା ୨୦ ରୁ ୪୦ ୟୁନିଟ୍ ରହିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଭାରତୀୟ ବେସାମରିକ ବଜାରରେ ଆମେରିକୀୟ କମ୍ପାନୀ ବୋଇଂ ଏବଂ ୟୁରୋପୀୟ କମ୍ପାନୀ ଏୟାରବସର ଏକଚାଟିଆ ସାମ୍ରାଜ୍ୟ ବା ଅଧିକାର ରହିଆସିଛି। ଏହି ବିଦେଶୀ କମ୍ପାନୀଗୁଡ଼ିକ ବିମାନ ବିତରଣ କରିବା ପାଇଁ ଦୀର୍ଘ ସମୟ ନେଉଥିବାରୁ ଭାରତୀୟ ବିମାନ ସେବାର ସମ୍ପ୍ରସାରଣରେ ଅନେକ ବାଧା ସୃଷ୍ଟି ହେଉଥିଲା। ରୁଷ ସହିତ ହୋଇଥିବା ଏହି ନୂତନ ସହଭାଗୀତା ଭାରତକୁ ଏକ ସୁଦୃଢ଼, ଆତ୍ମନିର୍ଭରଶୀଳ ଏବଂ ବ୍ୟୟ-ପ୍ରଭାବଶାଳୀ ବିକଳ୍ପ ପ୍ରଦାନ କରିବ। ବିମାନ ଚଳାଚଳ ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ଭାରତ ଏବଂ ଏହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଆଞ୍ଚଳିକ ବଜାରରେ ପ୍ରାୟ ୨୦୦ ରୁ ୩୦୦ ଏହିଭଳି ମଧ୍ୟମ ଧରଣର ବିମାନର ବ୍ୟାପକ ଆବଶ୍ୟକତା ରହିଛି, ଯାହାକୁ ଏହି ନୂତନ ଚୁକ୍ତି ସହଜରେ ପୂରଣ କରିପାରିବ।

## 'କପଡେ ହୋ ଗୟେ ଛୋଟେ': ଅନ୍‌ଲାଇନ୍ ଟ୍ରୋଲିଂ ପରେ ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ବିଷ ପିଇଲେ ରାଜସ୍ଥାନର ଇନ୍‌ଫ୍ଲୁଏନ୍ସର



ଜୟପୁର: ଅନଲାଇନ୍ ଟ୍ରୋଲିଂ ଏବଂ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସରଙ୍କ ଆତ୍ମହତ୍ୟା ଉଦ୍ୟମ। ରାଜସ୍ଥାନର ଯୋଧପୁର ଅଞ୍ଚଳର ଜଣେ ଜଣାଶୁଣା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଅନିତା ଦିନରାମ ବିଷ୍ଣୋଇ ଇନଷ୍ଟାଗ୍ରାମ ଲାଇଭ୍ ସେସନରେ ବିଷ ପିଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଯୋଧପୁରର ଶିକାରଗଡ଼ ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି । ବର୍ତ୍ତମାନ ସେ ଯୋଧପୁରର ମଥୁରାଦାସ ମାଥୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ଏବଂ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି ।

ଅନିତା ବିଷ୍ଣୋଇ ନିକଟରେ ତାଙ୍କର ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ପୋଷାକ ଛୋଟ ହୋଇଗଲାଣି (କପଡେ ହୋ ଗୟେ ଛୋଟେ) କହି ଭିଡିଓ କରିଥିଲେ । ଏହି ଭିଡିଓରେ ସେ ମହିଳାମାନଙ୍କର ପୋଷାକ ପରିଧାନ ଶୈଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏଥିପାଇଁ ତାଙ୍କୁ ସୋସିଆଲ୍ ମିଡିଆ ୟୁଜରଙ୍କଠାରୁ ପ୍ରବଳ ସମାଲୋଚନା ଏବଂ ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାଙ୍କ ସ୍ୱାମୀ ଦିନରାମଙ୍କ କହିବା ଅନୁଯାୟୀ, ଗତ କିଛି ଦିନ ହେବ କିଛି ଅନ୍ୟ ଇନଫ୍ଲୁଏନ୍ସର ତାଙ୍କୁ ଲଗାତାର ହଇରାଣ କରୁଥିଲେ ଏବଂ ହ୍ୱାଟସଆପ୍ ମାଧ୍ୟମରେ ଧମକପୂର୍ଣ୍ଣ ମେସେଜ୍ ମଧ୍ୟ ପଠାଉଥିଲେ । ଏହି ଚରମ ନିଷ୍ପତ୍ତି ନେବା ପୂର୍ବରୁ ଅନିତା ଏକ ୯୦ ସେକେଣ୍ଡର ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ୬ ଜଣ ପୁରୁଷ ଏବଂ ୨ ଜଣ ମହିଳାଙ୍କ ନାମ ଉଲ୍ଲେଖ କରିଥିଲେ। ସେମାନେ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିବା ସେ ଅଭିଯୋଗ କରିଥିଲେ । ସେ ଏକ ଜମି ବିବାଦ ଏବଂ ତାଙ୍କ ଚରିତ୍ର ସଂହାର କରାଯାଉଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ । ସେ ଫେସବୁକରେ ଏକ ପୋଷ୍ଟ କରି ଲେଖିଥିଲେ, 'ଆଜି ପରେ ତୁମ ଭଉଣୀକୁ ଏହି ଦୁନିଆରେ ଆଉ ଦେଖିବାକୁ ପାଇବ ନାହିଁ।' ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି ଏବଂ ଅନିତାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନିତା ଇନଷ୍ଟାଗ୍ରାମରେ ବେଶ୍ ଲୋକପ୍ରିୟ ଥିଲେ ଏବଂ ତାଙ୍କର ୬ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି।

## ମୁଜାଫରପୁର ଅଗ୍ନିକାଣ୍ଡ: ହସ୍ପିଟାଲ ଯିବା ପରିବର୍ତ୍ତେ ଦିଲ୍ଲୀ ଗଲେ ସ୍ୱାସ୍ଥ୍ୟମନ୍ତ୍ରୀ, ତେଜିଲା ରାଜନୀତି



ପାଟନା: ବିହାରର ମୁଜାଫରପୁର ଜିଲ୍ଲାରେ ଏକ ବଡ଼ଧରଣର ଅଘଟଣ ଘଟିଛି। ଗୁରୁବାର ସକାଳେ ଏକ ବେସରକାରୀ ହସ୍ପିଟାଲର ଆଇସିୟୁ (ଓଉଟ) ୱାର୍ଡରେ ଭୟାବହ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ପ୍ରାୟ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ରୋଗୀ ଗୁରୁତର ହୋଇଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ସମୟରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନିଶାନ୍ତ କୁମାର ଘଟଣାସ୍ଥଳ ପରିଦର୍ଶନ ନକରି ଦିଲ୍ଲୀ ଗସ୍ତ କରିଥିବାରୁ ଏହାକୁ ନେଇ ବିବାଦ ତେଜିବାରେ ଲାଗିଛି।

ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଗୁରୁବାର ସକାଳେ ହସ୍ପିଟାଲରେ ନିଆଁ ଲାଗିବା ନେଇ ପ୍ରଶାସନକୁ ଖବର ମିଳିଥିଲା। ଅଗ୍ନିକାଣ୍ଡ ସମୟରେ ଆଇସିୟୁରେ ପ୍ରାୟ ୧୩ ରୁ ୧୫ ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଥିବା ବେଳେ ବାକି ରୋଗୀମାନଙ୍କୁ ଉଦ୍ଧାର କରାଯାଇ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ପ୍ରାଥମିକ ଭାବେ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ନିଆଁ ଖୁବଶୀଘ୍ର ବ୍ୟାପିଯିବା ସହ ସମଗ୍ର ୱାର୍ଡ ଧୂଆଁମୟ ହୋଇଯାଇଥିଲା, ଫଳରେ ରୋଗୀମାନଙ୍କୁ ବାହାରକୁ ଆଣିବାରେ ପ୍ରବଳ ଅସୁବିଧା ହୋଇଥିଲା। ବର୍ତ୍ତମାନ ଘଟଣାର ତଦନ୍ତ ଆରମ୍ଭ ହୋଇଛି ଏବଂ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନିଶାନ୍ତ କୁମାର ଘଟଣା ଘଟିବା ପରେ ମଧ୍ୟ ଦ୍ୱିପ୍ରହର ୧୨ଟା ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନଥିଲେ କିମ୍ବା ହସ୍ପିଟାଲ ଯାଇନଥିଲେ। ସେ ଜେଡିୟୁ (ଔଉଟ) କାର୍ଯ୍ୟକାରୀ ଅଧକ୍ଷ ସଞ୍ଜୟ ଝାଙ୍କ ସହ ପାଟନାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ । ଏହାକୁ ନେଇ ମୁଖ୍ୟ ବିରୋଧୀ ଦଳ ରାଷ୍ଟ୍ରୀୟ ଜନତା ଦଳ (ଜଔଡ) ସୋସିଆଲ ମିଡିଆ ପ୍ଲାଟଫର୍ମ ଢ (ପୂର୍ବରୁ ଟ୍ୱିଟର) ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛି। ଜଔଡ ଲେଖିଛି, 'ସ୍ୱାସ୍ଥ୍ୟ ବିଭାଗର ମିଳିଭଗତରେ ଚାଲୁଥିବା ଏକ ବେଆଇନ ହସ୍ପିଟାଲରେ ନିଆଁ ଲାଗିବା ଯୋଗୁଁ ଅନେକ ଜୀବନ ଚାଲିଗଲା। କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦାୟିତ୍ୱହୀନତା ଦେଖନ୍ତୁ, ସେ ଏହି ଦୁଃଖଦ ଘଟଣାର ଜବାବ ନଦେଇ ହାତ ଯୋଡ଼ି ଏବଂ ହସି ହସି ଦିଲ୍ଲୀ ବୁଲିବାକୁ ବାହାରି ପଡ଼ିଲେ।'

## ଶନିବାର ଭାରତ ଆସିବେ ଅଭିଜିତ ଦୀପକେ, ଘର ଛାଡ଼ି ଅଜ୍ଞାତ ସ୍ଥାନକୁ ପଳାଇଲେ ବାପା ମା'

ନୂଆଦିଲ୍ଲୀ : ଆମେରିକାର ବୋଷ୍ଟନରେ ରହୁଥିବା ୩୦ ବର୍ଷୀୟ ଅଭିଜିତ ଦୀପ୍‌କେ ଆଜିକାଲି ନୂଆଦିଲ୍ଲୀର ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। କକ୍ରୋଚ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ ୬ ଜୁନରେ ଭାରତ ଆସୁଛନ୍ତି। ସେ ତାଙ୍କ ସମର୍ଥକଙ୍କୁ ବିମାନବନ୍ଦରରେ ଭେଟିବାକୁ ନିବେଦନ କରିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବେ। ଦୀପକେ ତାଙ୍କ ସମର୍ଥକଙ୍କ ସହିତ ଯନ୍ତରମନ୍ତରଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବାକୁ ଯାଉଛନ୍ତି।।

ଅଭିଜିତ୍‌ଙ୍କ ଏହି ପଦକ୍ଷେପ ମହାରାଷ୍ଟ୍ରରେ ତାଙ୍କ ବାପାମା'ଙ୍କ ଚିନ୍ତା ବଢ଼ାଇ ଦେଇଛି। ଅଭିଜିତଙ୍କ ପରିବାର ସୁରକ୍ଷା ଦୃଷ୍ଟିରୁ ବଡ଼ ପଦକ୍ଷେପ ନେଇଛି। ଛତ୍ରପତି ସମ୍ଭାଜୀ ନଗର (ଔରଙ୍ଗାବାଦର)ର ଏମ୍‌ଆଇଡିସି ବାଲୁଜ ଅଞ୍ଚଳ ସ୍ଥିତ ଅଭିଜିତ୍‌ଙ୍କ ଘର ଏବେ ଖାଲି ପଡ଼ିଛି। କିଛି ଦିନ ପୂର୍ବରୁ ପରିବାର ଲୋକ ଚୁପ୍‌ଚାପ୍ କୌଣସି ଅଜ୍ଞାତ ସ୍ଥାନକୁ ଚାଲି ଯାଇଛନ୍ତି। ଘରେ ଏବେ କେହି ନାହାନ୍ତି,ତଥାପି ସୁରକ୍ଷା ଦୃଷ୍ଟିରୁ ପୁଲିସ ତାଙ୍କ ଘରକୁ ଜଗି ରହିଛି। ଅଭିଜିତଙ୍କ ବାପା ଭଗବାନରାଓ ଦୀପକେ ମହାରାଷ୍ଟ୍ର ଶିଳ୍ପ ବିକାଶ ନିଗମରୁ ଇଞ୍ଜିନିୟର ଭାବେ ଅବସର ନେଇଛନ୍ତି। ସେ ତାଙ୍କ ପୁଅର ଏହି ପଦକ୍ଷେପକୁ ନେଇ ଚିନ୍ତିତ ଅଛନ୍ତି। ତେବେ ଅଭିଜିତ ଆଇନ କାନୁନ ବିଷୟରେ ଭଲ ଭାବରେ ଅବଗତ ଅଛନ୍ତି ଓ ସେ ଆଇନ ବିରୋଧରେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଭରସା ଦେଇଥିବା ତାଙ୍କ ବାପା କହିଛନ୍ତି। ଓକିଲ ତଥା ମାନବାଧିକାର କର୍ମୀ ଅସିମ୍ ସରୋଦେ କହିଛନ୍ତି, ବୁଧବାର ଅଭିଜିତ ତାଙ୍କୁ ସମର୍ଥନ ମାଗି ଫୋନ କରିଥିଲେ। ଅଭିଜିତ ଦୀପ୍‌କେ କହିଛନ୍ତି ସେ ଗିରଫ ହେବାକୁ ପ୍ରସ୍ତୁତ ଅଛନ୍ତି। ତାଙ୍କ ମତରେ ଏହାର କେବଳ ନିଟ୍ ପରୀକ୍ଷା ଦେଇଥିବା ୩୦ ଛାତ୍ରଛାତ୍ରୀଙ୍କ କଥା ନୁହେଁ, ସେମାନଙ୍କ ବାପାମା'ଙ୍କ ସହିତ ଜଡ଼ିତ ଲୋକଙ୍କ ପରି ୭୦ରୁ ୮୦ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି।



ଅଭିଜିତ ତାଙ୍କର ଏହି ଆନ୍ଦୋଳନକୁ ଅଧିକ ବଳ ଯୋଗାଇବାକୁ ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ୍, ଅଭିନେତା ପ୍ରକାଶ ରାଜ, ସାମାଜିକ କର୍ମୀ ବିଶ୍ୱମ୍ଭର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ନିଖିଲ ବାଗ୍‌ଲେଙ୍କ ପରି ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ କରିଛନ୍ତି। ଅଭିଜିତ କୌଣସି ରାଜନୈତିକ ଗଠନ କରିବାକୁ ଚାହୁଁନାହାନ୍ତି ଓ ସେ ଆଇନ ପରିସରରେ ରହି ବିରୋଧ ପ୍ରଦର୍ଶନ କରିବେ ବୋଲି ସରୋଦେ କହିଛନ୍ତି। କଂଗ୍ରେସ ସାଂସଦ ଶଶି ଥରୁର କକ୍ରୋଚ୍ ଜନତା ପାର୍ଟିର ଉତ୍ଥାନକୁ ଯୁବ ହତାଶାର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ବ୍ୟଙ୍ଗାତ୍ମକ ଦଳ ଦେଶର ଭୟଙ୍କର ରାଜନୈତିକ ପରିସ୍ଥିତିର ପ୍ରତିଫଳନ ବୋଲି କହିଛନ୍ତି। ସେ ଯୁବପିଢ଼ିଙ୍କୁ ଏହି ଅସନ୍ତୋଷକୁ ମୁଖ୍ୟଧାରାର ରାଜନୀତିରେ ସାମିଲ କରିବାକୁ ଆହ୍ୱାନ କରିଛନ୍ତି ଓ ଦଳର ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଅବରୋଧ କରିବା ଅନୁଚିତ ବୋଲି କହିଛନ୍ତି। ତିରୁଅନନ୍ତପୁରମ ସାଂସଦ ଶଶି ଥରୁର 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଏକ ସମ୍ପାଦକୀୟ ଲେଖି କହିଛନ୍ତି ଯେ, ଅନେକ ଯୁବକ ସିଜେପିଙ୍କୁ ସମର୍ଥନ କରିବାର କାରଣ ବୈଧ।

## ଇରାନ ଯୁଦ୍ଧ ଶେଷ ହୋଇଛି, ଆମେରିକୀୟ ସେନା ଜିତିଛି ବୋଲି କହିଲେ ଟ୍ରମ୍ପ ପ୍ରଶାସନ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ବୃଦ୍ଧି ପାଇବା ସହିତ ଉଭୟ ପକ୍ଷଙ୍କ ମଧ୍ୟରେ ଆକ୍ରମଣ ଜାରି ରହିଛି। ଏହି ସମୟରେ, ଆମେରିକା ସରକାର ଦାବି କରିଛନ୍ତି ଯେ, ଯୁଦ୍ଧ ଶେଷ ହୋଇଛି। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନ ଏବଂ ଆମେରିକାର ସହଯୋଗୀଙ୍କ ମଧ୍ୟରେ ବିମାନ ଆକ୍ରମଣ, ଡ୍ରୋନ୍ ଆକ୍ରମଣ ଏବଂ ସାମୁଦ୍ରିକ ବିବାଦ ଉତ୍ତେଜନା ଜାରି ରହିଛି । କୁଏତ ବିମାନବନ୍ଦର ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ହେବାର ମାତ୍ର କିଛି ଘଣ୍ଟା ପରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସଂସଦୀୟ କମିଟିରେ ଶାନ୍ତି ଦାବି ଅନେକ ଦେଶକୁ ଆଶ୍ଚର୍ଯ୍ୟ କରୁଛି। ଆମେରିକାର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ତାଙ୍କ ଦାବିକୁ ଦୋହରାଇଛନ୍ତି ଯେ, ଇରାନ ସହିତ ଯୁଦ୍ଧ ଶେଷ ହୋଇଛି । ଆମେ ଆଉ ଇରାନ ଭିତରେ ସେମାନଙ୍କର ସାମରିକ ଶକ୍ତିକୁ ହ୍ରାସ କରିବା ପାଇଁ ଜାରି ରହିଥିବା ଆକ୍ରମଣ କରୁନାହୁଁ,କାରଣ ଅପରେସନ ଏପିକ୍ ଫ୍ୟୁରି ଶେଷ ହୋଇଛି। ସେ ଆମେରିକା ହାଉସ ଅଫ୍ ରିପ୍ରେଜେଣ୍ଟେଟିଭସ୍ ବୈଦେଶିକ ବ୍ୟାପାର କମିଟିକୁ ଏପରି କହିଛନ୍ତି। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଯୁଦ୍ଧରେ ଆମେରିକା ଜିତିଛି। ଆମେ ଇରାନର ପ୍ରତିରକ୍ଷା ଏବଂ ଶିଳ୍ପ ଭିତ୍ତିଭୂମିକୁ ଧ୍ୱଂସ କରିଛୁ । ସେମାନଙ୍କର କ୍ଷେପଣାସ୍ତ୍ର ଲଞ୍ଚରଗୁଡ଼ିକୁ ନଷ୍ଟ କରିଦେଇଛୁ। ଆମେ ସେମାନଙ୍କର ଅବଶିଷ୍ଟ ବାୟୁସେନା ଏବଂ ନୌସେନାକୁ ନଷ୍ଟ କରିଦେଇଛୁ ବୋଲି ରୁବିଓ ଦାବି କରିଛନ୍ତି । ତେବେ ରୁବିଓଙ୍କ ଦାବିକୁ ବିରୋଧୀ ଡେମୋକ୍ରାଟମାନେ ବିରୋଧ କରି ଯୁକ୍ତି ଦେଇଛନ୍ତି ଯେ, ଯୁଦ୍ଧ ଏବେ ବି ଜାରି ରହିଛି। ଇରାନ ବୁଧବାର ଦିନ କୁଏତର ବିମାନବନ୍ଦର ଉପରେ ମଧ୍ୟ ଆକ୍ରମଣ କରିଛି। ଯେଉଁଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଏବଂ ୬୩ ଜଣ ଆହତ ହୋଇଛନ୍ତି। ବାହାରିନରେ ଏକ ବଡ଼ ଆମେରିକୀୟ ସାମରିକ ଘାଟିରେ ମଧ୍ୟ ଇରାନୀ ଡ୍ରୋନ୍ ଆକ୍ରମଣ ହୋଇଛି। ରୁବିଓଙ୍କ ଦାବି ନେଇ କାଲିଫର୍ନିଆର କଂଗ୍ରେସ ମହିଳା ସାରା ଜାକବସ୍ କହିଛନ୍ତି, ଆପଣ ଅପରେସନର ନାମ ପରିବର୍ତ୍ତନ କରିପାରିବେ, କିନ୍ତୁ ଏହା ଦ୍ୱାରା ସତ ବଦଳିଯିବ ନାହିଁ। ହର୍ମୁଜ୍ ପ୍ରଣାଳୀ ଏବେ ବି ବନ୍ଦ ଅଛି, ଏବଂ ଆମର ସୈନ୍ୟ ବିପଦରେ ଅଛନ୍ତି। ଇରାନ ସହିତ ଆଲୋଚନା କେତେ ଦୂର ପହଞ୍ଚିଛି ବୋଲି ସେ ପ୍ରଶ୍ନ କରିଛନ୍ତି । ରୁବିଓ ଇରାନ ସହିତ ଚାଲିଥିବା ଆଲୋଚନା ବିଷୟରେ ମଧ୍ୟ ସାଂସଦମାନଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଇରାନର ସମୃଦ୍ଧ ୟୁରାନିୟମ ଭଣ୍ଡାର ଆଲୋଚନାରେ ଏକ ପ୍ରମୁଖ ପ୍ରସଙ୍ଗ। ?ତେବେ ଇରାନ ଏପର୍ଯ୍ୟନ୍ତ ଏକ ଶାନ୍ତି ଚୁକ୍ତି ପାଇଁ ରାଜି ହୋଇନାହିଁ। ଆମେରିକାର କହିବା ଅନୁଯାୟୀ ଯେକୌଣସି ଶାନ୍ତି ଚୁକ୍ତି ପାଇଁ ଇରାନକୁ ନିଜର ୟୁରାନିୟମ ହସ୍ତାନ୍ତର କରିବାକ ପଡ଼ିବ, ପରମାଣୁ କାର୍ଯ୍ୟକଳାପ ହ୍ରାସ କରିବାକୁ ହେବ ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବାକୁ ପଡିବ। ଇରାନ କହିଛି, ଯଦି ଆମର ୧୨ ବିଲିୟନ ଡଲାରର ଫ୍ରିଜ୍ ପାଣ୍ଠି ଫେରସ୍ତ କରାଯାଏ ତେବେ, ପରମାଣୁ କାର୍ଯ୍ୟକ୍ରମ ଉପରେ ଗମ୍ଭୀର ଆଲୋଚନା କରାଯିବ।

## ବାଂଲାଦେଶରେ କନ୍ଦାଉଛି ମିଳିମିଳା : ୬ ଶହରୁ ଅଧିକ ମୃତ

ନୂଆଦିଲ୍ଲୀ : ବାଂଲାଦେଶରେ ମିଳିମିଳାର ତାଣ୍ଡବ । ୬ ଶହରୁ ଅଧିକ ମୃତ । ଟିକା ଅଭାବରୁ ଯାଉଛି ଜୀବନ। ବାଂଲାଦେଶରେ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଲୋକ ଆତଙ୍କିତ ହୋଇପଡ଼ିଛନ୍ତି । ମିଳିମିଳା ମହାମାରୀ ସଂକ୍ରମଣ ସାରା ଦେଶରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ବହୁ ନିରୀହ ଶିଶୁ ପ୍ରାଣ ହରାଇଛନ୍ତି । ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଗତ ୨୪ ଘଣ୍ଟା ମଧ୍ୟରେ ଏବିଷୟରେ ଆନୁଷ୍ଠାନିକ ଭାବରେ ବିସ୍ତୃତ ସୂଚନା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବଂଲାଦେଶରେ ୧ ହଜାର ୨୧୦ ନୂଆ ସନ୍ଦିଗ୍ଧ ରୋଗୀ ଚିହ୍ନଟ ହୋଇଛନ୍ତି । ଫଳରେ ସନ୍ଦିଗ୍ଧ ମାମଲା ସଂଖ୍ୟା ୭୪ ହଜାର ୫୭୨ରେ ପହଞ୍ଚିଛି । ୫୫ ନୂତନ ମାମଲା ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୯ ହଜାର ୧୯୧ରେ ପହଞ୍ଚିଛି ।

## ସହର ବାହାରେ ମୋଟରସାଇକେଲ ବ୍ୟବହାରକୁ ନିଷେଧ କଲା ମାଲି: ରାଜଧାନୀ ବାମାକୋକୁ ଘେରି ରହିଛନ୍ତି ଜିହାଦୀ



ନୂଆଦିଲ୍ଲୀ : ପଶ୍ଚିମ ଆଫ୍ରିକୀୟ ଦେଶ ମାଲି ଏହାର ପ୍ରମୁଖ ସହର ବାହାରେ ମୋଟର ସାଇକେଲ ବ୍ୟବହାରକୁ ନିଷେଧ କରିଛି। ବିଶ୍ୱର ସବୁଠାରୁ ଗରିବ ଏବଂ ସର୍ବନିମ୍ନ ବିକଶିତ ଦେଶ ମଧ୍ୟରୁ ଗୋଟିଏ ମାଲି ବଢୁଥିବା ଜିହାଦୀ ବିଦ୍ରୋହର ସମ୍ମୁଖୀନ ହେଉଛି। ଫଳସ୍ୱରୂପ, ସରକାର ଏହି ଅସାଧାରଣ ନିଷ୍ପତ୍ତି ନେଇଛନ୍ତି। ମାଲିରେ ଜିହାଦୀ ଗୋଷ୍ଠୀଗୁଡ଼ିକ ପ୍ରାୟତଃ ମୋଟରସାଇକେଲ ବ୍ୟବହାର କରୁଥିବାରୁ ଏହି ପ୍ରତିବନ୍ଧକ ଲଗାଯାଇଛି । ଦେଶ ବର୍ତ୍ତମାନ ଏକ ଗମ୍ଭୀର ସୁରକ୍ଷା ସଙ୍କଟର ସମ୍ମୁଖୀନ ହେଉଛି, ଜିହାଦୀମାନେ ରାଜଧାନୀ ବାମାକୋକୁ ଘେରି ରହିଛନ୍ତି ଏବଂ ରାସ୍ତା ଅବରୋଧ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ମାଲିର ଜାତୀୟ ଟେଲିଭିଜନରେ ଯାଇଥିବା ସୂଚନାରେ କୁହାଯାଇଛି, ସାରା ଦେଶରେ ପ୍ରମୁଖ ସହର ବାହାରେ ୧୨୫ ସିସି ଏବଂ ତଦୁର୍ଦ୍ଧ୍ୱ ଇଞ୍ଜିନ କ୍ଷମତା ବିଶିଷ୍ଟ ମୋଟରସାଇକେଲକୁ ନିଷେଧ କରାଯାଇଛି। ତେବେ ଏହି ଆଦେଶରେ କିଛି ଛାଡ୍ ସାମିଲ ରହିଛି। ଏହି ନିଷେଧ ବାମାକୋ, ଆଞ୍ଚଳିକ ରାଜଧାନୀ ଏବଂ ଅନ୍ୟ କିଛି ସହରାଞ୍ଚଳ ପାଇଁ ପ୍ରଯୁଜ୍ୟ ହେବ ନାହିଁ। କର୍ତ୍ତୃପକ୍ଷ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ୧୨୫ ସିସି କିମ୍ବା ତା'ଠାରୁ ଅଧିକ ଇଞ୍ଜିନ୍ କ୍ଷମତା ଥିବା ମୋଟରସାଇକେଲର ଆମଦାନୀ, ପରିବହନ, ବିକ୍ରୟ ଏବଂ ମାଗଣା ବଣ୍ଟନ ଦେଶବ୍ୟାପୀ ନିଷିଦ୍ଧ କରାଯାଇଛି ଏବଂ ଏହାର ଯନ୍ତ୍ରାଂଶ ବିକ୍ରିକୁ ନିଷେଧ କରାଯାଇଛି।୨୫ ଏବଂ ୨୬ ଏପ୍ରିଲରେ ଅଲ-କାଏଦା ସହିତ ଜଡ଼ିତ ଜିହାଦୀ ଗୋଷ୍ଠୀ ଏବଂ ତୁଆରେଗ ବିଚ୍ଛିନ୍ନତାବାଦୀଙ୍କ ଦ୍ୱାରା ହୋଇଥିବା ବଡ଼, ସମନ୍ୱିତ ଆକ୍ରମଣ ପରେ ମାଲିର ସୁରକ୍ଷା ସଙ୍କଟ ଆହୁରି ବଢ଼ିଯାଇଛି। ଏପ୍ରିଲ ୩୦ ତାରିଖରୁ, ଜିହାଦୀମାନେ ବାମାକୋକୁ ଯାଉଥିବା ଅନେକ ପ୍ରମୁଖ ରାସ୍ତାକୁ ଅବରୋଧ କରିଛନ୍ତି ଏବଂ ଡଜନ ଡଜନ ବସ୍ ଏବଂ ମାଲବାହୀ ଟ୍ରକ୍ ପୋଡ଼ିଦେଇଛନ୍ତି। ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ଦେଶର ଉତ୍ତରରେ ଅନେକ ଅଞ୍ଚଳକୁ ନିୟନ୍ତ୍ରଣ କରିଛନ୍ତି, ଯେଉଁଥିରେ ରଣନୈତିକ ସହର କିଡାଲ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହାକୁ ୨୦୨୦ ମସିହାରେ କ୍ଷମତାକୁ ଆସିଥିବା ସାମରିକ ସରକାରଙ୍କ ପାଇଁ ଏକ ବଡ଼ ଝଟକା ଭାବରେ ଦେଖାଯାଉଛି।

## ଖାନ୍ ସାରଙ୍କ କୋଚିଂ ସେଣ୍ଟରରେ ଫୁଟିଲା ଗୁଳି ଗୁରୁତର ଅଛନ୍ତି ସିକ୍ୟୁରିଟି ଗାର୍ଡ

ନୂଆଦିଲ୍ଲୀ : ଗରିବ ଛାତ୍ରଛାତ୍ରୀଙ୍କ ଶିକ୍ଷକ ତଥା ୟୁଟ୍ୟୁବ୍ ପ୍ଲାଟଫର୍ମରେ ସବୁଠାରୁ ଲୋକପ୍ରିୟ ପାଲଟିଥିବା ପାଟଣାର ଶିକ୍ଷକ ହେଉଛନ୍ତି ଖାନ୍ ସାର୍ । ଖାନ୍ ସାରଙ୍କୁ ଛାତ୍ରଛାତ୍ରୀ କେତେ ଭଲ ପାଆନ୍ତି ତାହା ସମସ୍ତେ ସୋସିଆଲ୍ ମିଡିଆରେ ଦେଖିଛନ୍ତି ଏବଂ ଶୁଣିଛନ୍ତି । କିନ୍ତୁ ଏବେ 'ଖାନ୍ ସାର୍'ଙ୍କ ଚର୍ଚ୍ଚିତ କୋଚିଂ ସେଣ୍ଟରକୁ ନେଇ ଏବେ ଏକ ବଡ଼ ଖବର ଆସିଛି । କୋଚିଂ ସେଣ୍ଟର ଉପରକୁ ହୋଇଛି ଭୟାବହ ଆକ୍ରମଣ । କିଛି ଅସାମାଜିକ ଲୋକ ଗୁଳି ଚଳାଇଥିବା ଅଭିଯୋଗ ଆଣିଛନ୍ତି ଖାନ୍ ସାର୍ । ଏହି ଘଟଣା ପରେ ଏବେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗରିବ ପିଲାଙ୍କୁ ଅତି କମ୍ ଫିସରେ ଗୁଣାତ୍ମକ ଶିକ୍ଷା ଦେଇ ସୁନାମ ଅର୍ଜନ କରିଥିବା ଖାନ୍ ସାର୍ ଏହି ଆକ୍ରମଣ ପରେ ଗଣମାଧ୍ୟମ ସମ୍ମୁଖରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଏବଂ ଏହା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିବା ଆଶଙ୍କା କରିଛନ୍ତି। ତେବେ କାହିଁକି ହେଲା ଏହି ଆକ୍ରମଣ ଏବଂ କିଏ ଏହା ପଛରେ ରହିଛି ? ଆସନ୍ତୁ ନଜର ପକାଇବା ସମ୍ପୂର୍ଣ୍ଣ ଖବର ଉପରେ । ମିଡିଆ ସହ କଥାବାର୍ତ୍ତା ବେଳେ ଖାନ୍ ସାର୍ ସେମାନଙ୍କ ପଡ଼ୋଶୀ କୋଚିଂ ସେଣ୍ଟର ଉପରେ ସିଧାସଳଖ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ପଡ଼ୋଶୀ କୋଚିଂ ସେଣ୍ଟରର ମାଲିକ ଚାହୁଁନାହାନ୍ତି କି ଗରିବ ପିଲାମାନେ ଏତେ କମ୍ ଟଙ୍କାରେ ପାଠ ପଢ଼ନ୍ତୁ । ସେ ଆହୁରି ମଧ୍ୟ କହିଛନ୍ତି 'ଆମେ ଏତେ କମ୍ ଫିସରେ କାହିଁକି ପଢ଼ାଉଛୁ ଏବଂ ଆମ ସଂସ୍ଥାରୁ ଏତେ ଭଲ ରେଜଲ୍ଟ କେମିତି ଆସୁଛି ? ଏହି ଈର୍ଷା ଯୋଗୁଁ ହିଁ ଆମ ଉପରେ ଆକ୍ରମଣ କରାଯାଇଛି । କିନ୍ତୁ ମନେ ରଖିବା ଉଚିତ୍ ଯେ ଗରିବ ପିଲାମାନଙ୍କର ମଧ୍ୟ ପଢ଼ିବାର ସମ୍ପୂର୍ଣ୍ଣ ଅଧିକାର ଅଛି।'

# ଫିଫା ବିଶ୍ୱକପ୍ : ୧୦୪ ମ୍ୟାଚ୍ ଖେଳିବେ ୪୮ ଦଳ

ନୂଆଦିଲ୍ଲୀ,୪।୬: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ ନିକଟରେ ଶେଷ ହୋଇଛି। ଏହି ଖେଳ କ୍ରୀଡାପ୍ରେମୀଙ୍କୁ ୨ମାସରୁ ଅଧିକ ସମୟ ଧରି ମନୋରଂଗନ ଦେଇଥିଲା। ଏବେ ବହୁ ପ୍ରତୀକ୍ଷିତ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ଫିଫା ବିଶ୍ୱକପ୍ ୨୦୨୬ ଆସନ୍ତା ସପ୍ତାହରେ ଆରମ୍ଭ ହେବ। ଫୁଟବଲ୍‌ର ମହାକୁମ୍ଭ କୁହାଯାଉଥିବା ଏହି ମ୍ୟାଚ୍‌ରେ ଲିଓନେଲ ମେସି ଏବଂ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଭଳି ତାରକା ପଡିଆକୁ ଓହ୍ଲାଇବେ। ଫିଫା ବିଶ୍ୱକପ୍ ଚଳିତ ମାସ ୧୧ ତାରିଖ (ଭାରତୀୟ କ୍ୟାଲେଣ୍ଡର ଅନୁସାରେ ଜୁନ ୧୨)ରୁ ଜୁଲାଇ ୧୯ (ଭାରତୀୟ କ୍ୟାଲେଣ୍ଡର ଅନୁସାରେ ଜୁନ ୨୦) ପର୍ଯ୍ୟନ୍ତ ଆୟୋଜିତ ହେବ। ପ୍ରଥମ ଥର ବିଶ୍ୱକପରେ ଆୟୋଜନ ତିନିଟି ରାଷ୍ଟ୍ର (ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଏବଂ ମେକ୍ସିକୋ)ର ଉଦ୍ୟମରେ ହେଉଛି। ଫିଫା ବିଶ୍ୱକପ୍‌ର ଚଳିତ ସଂସ୍କରଣରେ ୪୮ଟି ଟିମ୍ ଅଂଶଗ୍ରହଣ କରିବେ। ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଜୁନ ୧୧ରୁ ୨୭ ଯାଏଁ ଜାରି ରହିବ। ଏହା ପରେ ଜୁନ ୨୮ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ରାଉଣ୍ଡ ଅଫ୍ ୩୨ ମୁକାବିଲା ହେବ। ରାଉଣ୍ଡ ଅଫ୍ ୧୬ର ମ୍ୟାଚ୍‌ଗୁଡିକ ଜୁଲାଇ ୪ରୁ ୭ମଧ୍ୟରେ ଆୟୋଜନ ହେବ। କ୍ୱାଟର ଫାଇନାଲ ଜୁଲାଇ ୯ରୁ ୧୧, ସେମିଫାଇନାଲ ଜୁଲାଇ ୧୪ରୁ ୧୫ ଏବଂ ତୃତୀୟ ସ୍ଥାନ ପାଇଁ ଜୁଲାଇ ୧୮ରେ ମ୍ୟାଚ୍ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବ, ଯାହାକି ଏପର୍ଯ୍ୟନ୍ତ ଆୟୋଜିତ ସବୁଠାରୁ ଦୀର୍ଘ ଏବଂ ରୋମାଞ୍ଚକର ବୋଲି କୁହାଯାଉଛି।




**ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍**

ଗ୍ରୁପ୍-ଏ : ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ରିପବ୍ଲିକ୍ ଅଫ୍ କୋରିଆ, ଚେକିଆ

ଗ୍ରୁପ୍-ବି : କାନାା, ବୋସ୍ନିଆ ଏବଂ ହର୍ଜଗୋଭିନା, କତାର, ସ୍ୱିଜରଲ୍ୟାଣ୍ଡ

ଗ୍ରୁପ୍-ସି : ବ୍ରାଜିଲ, ମୋରକ୍‌କୋ, ହାଇତି, ସ୍କଟଲ୍ୟାଣ୍ଡ

ଗ୍ରୁପ୍-ଡି- ସଂଯୁକ୍ତ ରାଷ୍ଟ୍ର ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ, ତୁର୍କୀ

ଗ୍ରୁପ୍-ଇ- ଜର୍ମାନୀ, ଇକ୍ୱାଡର, ଆଇଭରି କଷ୍ଟ, କ୍ୟୁରାକୋ

ଗ୍ରୁପ୍-ଏଫ ନେଦରଲାଣ୍ଡସ୍, ଜାପାନ, ସ୍ୱୀଡେନ, ଟ୍ୟୁନେସିଆ

ଗ୍ରୁପ୍-ଜି : ବେଲଜିୟମ, ଇଜିପ୍ଟ, ଇରାନ, ନ୍ୟୁଜିଲାଣ୍ଡ

ଗ୍ରୁପ୍-ଏଚ- : ସ୍ପେନ, ଉରୁଗୁଏ, ସାଉଦି ଆରବ, କେପ ଭେରଡେ

ଗ୍ରୁପ୍-ଏ ଆଇ: ଫ୍ରାନ୍ସ, ସେନେଗାଲ, ନରୱେ, ଇରାକ

ଗ୍ରୁପ୍-ଜେ: ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ଆଲଜେରିଆ, ଜୋର୍ଡାନ

ଗ୍ରୁପ୍-କେ ପର୍ତ୍ତୁଗାଲ, କଲୋମ୍ବିଆ, ଡିଆର କଙ୍ଗୋ, ଉଜବେକିସ୍ତାନ

ଗ୍ରୁପ୍- ଏଲ୍ : ଇଂଲଣ୍ଡ, କ୍ରୋଏସିଆ, ଘାନା, ପାନାମା।

## ଇଣ୍ଡୋନେସିଆ ଓପନ୍‌ରୁ ସିନ୍ଧୁଙ୍କ ବିଦାୟ

ନୂଆଦିଲ୍ଲୀ: ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଦକ୍ଷିଣ କୋରିଆର ଆନ୍ ସେ' ୟଙ୍ଗଙ୍କଠାରୁ ୧୭-୨୧, ୧୪-୨୧ରେ ହାରି ଭାରତୀୟ ଲଳନା ତଥା ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଇଣ୍ଡୋନେସିଆ ଓପନ୍‌ର ରାଉଣ୍ଡ୍ ଅଫ୍-୧୬ରୁ ବିଦାୟ ନେଇଛନ୍ତି। ଦୁଇ ସପ୍ତାହ ଭିତରେ ୟଙ୍ଗଙ୍କଠାରୁ



ସିନ୍ଧୁଙ୍କର ଏହା ଲଗାତାର ଦ୍ୱିତୀୟ ପରାଜୟ। ଗତ ସପ୍ତାହର ସିଙ୍ଗାପୁର ଓପନ୍‌ର କ୍ୱାର୍ଟର ଫାଇନାଲ୍‌ରେ ମଧ୍ୟ ସିନ୍ଧୁଙ୍କୁ ୟଙ୍ଗ୍ ସହଜରେ ହରାଇ ବିଦାୟର ପଥ ଦେଖାଇ ଦେଇଥିଲେ। ଏହା ମଧ୍ୟ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ୟଙ୍ଗଙ୍କ ବିପକ୍ଷରେ ତାଙ୍କର ଦଶମ ପରାଜୟ। ଉଭୟ ଯେବେବି ମୁହାଁମୁହିଁ ହୋଇଛନ୍ତି ସିନ୍ଧୁ କେବେବି ବିଜୟୀ ହେବାର ସୌଭାଗ୍ୟ ଲାଭ କରି ନାହାନ୍ତି। ଗୁରୁବାର ସିନ୍ଧୁ ଭଲ ଆରମ୍ଭ କରିଥିଲେ। ପ୍ରଥମ ସେଟ୍‌ର ସ୍କୋର୍‌କୁ ୧୦-୧୦ରେ ରଖି ୟଙ୍ଗ୍‌ଙ୍କୁ କଡା ଟକ୍କର ଦେଇଥିଲେ। ଏହା ପରେ କିନ୍ତୁ ଦିଗ ଓ ଫର୍ମ ହରାଇ ଘଣ୍ଟାକ ଭିତରେ ଆତ୍ମସମର୍ପଣ କରିଥିଲେ।

# ଆଫଗାନିସ୍ତାନ ଶୃଙ୍ଖଳାରୁ କୋହଲି ବାଦ୍

ମୁମ୍ବାଇ: ଆଫଗାନିସ୍ତାନ ବିପକ୍ଷ ଘରୋଇ ଦିନିକିଆ ଶୃଙ୍ଖଳାରୁ କିଂବଦନ୍ତି ବ୍ୟାଟର୍ ବିରାଟ କୋହଲି ବାଦ୍ ପଡିଥିବାର ରିପୋର୍ଟ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ବିସିସିଆଇ ଏଥିନେଇ କେଣସି ଆନୁଷ୍ଠାନିକ ସୂଚନା ଦେଇନି। ତେବେ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରୁଥିବାରୁ କୋହଲି ଏହି ଶୃଙ୍ଖଳା ଖେଳିବା ନେଇ ଅକ୍ଷମତା ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି। ଖବର ସରବରାହ ସଂସ୍ଥା ପିଟିଆଇ ଅନୁସାରେ ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ଫାଇନାଲ୍ ଅବସରରେ କୋହଲି କଷ୍ଟ ଅନୁଭବ କରିଥିଲେ ମଧ୍ୟ ଖେଳିବା ଜାରି ରଖିଥିଲେ। ଏପରିକି ୭୫ଅ ରନ୍‌ର ସ୍ମରଣୀୟ ପାଳି ଖେଳି ଆର୍‌ସିବିକୁ ଦ୍ୱିତୀୟ ଥର ବିଜେତା କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।




ଏହି ଟ୍ରଫି ବିଜୟୀ ପାଳି ବେଳେ ହିଁ ତାଙ୍କ ମାଂସପେଶୀରେ ପବନ ଅଟକି ଯାଇଥିଲା। କୋହଲି ଏହି ଶୃଙ୍ଖଳା ନଖେଳିବା ଏକପ୍ରକାର ନିଶ୍ଚିତ ଥିଲା ବେଳେ ଦଳର ଅନ୍ୟତମ ବରିଷ୍ଠ ତାରକା ତଥା ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କୁ ନେଇ ଅନିଶ୍ଚିତତା ଲାଗି ରହିଛି। ବେଙ୍ଗାଲୁରୁରେ ଥିବା ପାରଦର୍ଶିତା କେନ୍ଦ୍ର (ସିଓଇ)କୁ ଯାଇ ଫିଟ୍‌ନେସ୍ ପରୀକ୍ଷା ଦେବାକୁ ବିସିସିଆଇ ତାଙ୍କୁ ନିର୍ଦ୍ଦେଶ ଦେଇଛି। ହେଲେ ରୋହିତ ଏଥିନେଇ ଅମଙ୍ଗ ଥିବା କୁହାଯାଉଛି। ଉଭୟ କୋହଲି ଓ ରୋହିତ କିନ୍ତୁ ଏବେବି ଘୋଷିତ ଭାରତୀୟ ଦଳରେ ଅଛନ୍ତି। ସେହିଭଳି ଅଲରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ମଧ୍ୟ କେଣସି ସ୍ପଷ୍ଟ ସଙ୍କେତ ବିସିସିଆଇ କିମ୍ବା ସେ ଦେଇ ନାହାନ୍ତି। ସୂଚନାଯୋଗ୍ୟ ଯେ ଭାରତ-ଆଫଗାନିସ୍ତାନ ଦିନିକିଆ ଶୃଙ୍ଖଳା ଚଳିତ ଜୁନ୍ ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଧରମଶାଳା, ଲକ୍ଷ୍ନୌ ଓ ଚେନ୍ନାଇରେ ଖେଳାଯିବ। ଏହା ପୂର୍ବରୁ ଦୁଇ ଦଳ ନ୍ୟୁ ଚଣ୍ଡିଗଡଠାରେ ୬ ତାରିଖରୁ ଏକମାତ୍ର ଟେଷ୍ଟ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

## ସାଫ୍ ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ
# ଫାଇନାଲ୍‌ରେ ଲଢ଼ିବେ ଭାରତ-ବାଂଲାଦେଶ

ମାର୍ଗାଓ: ଗୋଆ ମାର୍ଗାଓ ସ୍ଥିତ ଜବାହରଲାଲ ଷ୍ଟାଡିୟମ୍‌ରେ ଚାଲିଥିବା ସାଫ୍ ମହିଳା ଫୁଟ୍‌ବଲ୍ ଚାମ୍ପିଅନସିପ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି ଭାରତ। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ୧-୦ ଗୋଲ୍‌ରେ ଭୁଟାନକୁ ହରାଇବାପରେ ଫାଇନାଲ୍ ଟିକେଟ୍ ସୁନିଶ୍ଚିତ କରିଛି। ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ପକ୍ଷରୁ ଏକମାତ୍ର ଗୋଲ୍ ସାନଫିଦା ନୋଁଗ୍ରୁମ୍ ଦେଇଥିଲେ। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ବର୍ତ୍ତମାନର ଚାମ୍ପିଅନ୍ ବାଂଲାଦେଶ ୨-୧ ଗୋଲ୍‌ରେ ନେପାଳକୁ ହରାଇ ପ୍ରଥମ ଦଳଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ବାଂଲାଦେଶ ପକ୍ଷରୁ ଋତୁପର୍ଣ୍ଣା ଚକ୍‌ମା ଓ ଶାଗରୀକା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ବାଂଲାଦେଶ ୨୦୨୨ ଓ ୨୦୨୪ରେ ଚାମ୍ପିଅନ୍ ହୋଇଥିବାବେଳେ ଲଗାତାର ତୃତୀୟ ଟାଇଟେଲ୍ ଦୌଡ଼ରେ ରହିଛି।

# କୋହଲିଙ୍କୁ ପ୍ରଶଂସା କଲେ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ରିଚାର୍ଡ ମାର୍ଲସ୍ ଆଇପିଏଲ ୨୦୨୬ ଫାଇନାଲରେ ୭୫ ରନର ଏକ ଚମତ୍କାର ଇନିଂସ ସହିତ ଆରସିବିକୁ ଚାମ୍ପିଅନସିପ୍ ଟାଇଟଲ ହାସଲ କରାଇଥିବା ବିରାଟ କୋହଲିଙ୍କୁ ପ୍ରଶଂସା କରିଛନ୍ତି। ମ୍ୟାଚରେ ବିରାଟ କୋହଲିଙ୍କ ପ୍ରଦର୍ଶନକୁ ଦେଖି ମାର୍ଲସ୍ ପ୍ରଶଂସା କରିବା ସହିତ ଅଷ୍ଟ୍ରେଲୀୟ କ୍ରିକେଟର୍ସ ଜୋସ ହେଜଲବୁଡ ଏବଂ ଟିମ୍ ଡେଭିଡଙ୍କ ପ୍ରଦର୍ଶନକୁ ମଧ୍ୟ ପ୍ରଶଂସା କରିଥିଲେ। ଉଭୟ ଅଷ୍ଟ୍ରେଲୀୟ ଖେଳାଳି ଆଇପିଏଲ ୨୦୨୬ ଆରସିବି ଦଳର ସଦସ୍ୟ ଥିଲେ।

ମାର୍ଲସ୍ ବିରାଟ କୋହଲିଙ୍କ ଜଣେ ବଡ଼ ପ୍ରଶଂସକ। ମାର୍ଲସ୍ କହିଛନ୍ତି, 'ଗତ ବର୍ଷ ଆଇପିଏଲ ଫାଇନାଲ୍ ହେବାର ଠିକ୍ ଗୋଟିଏ ଦିନ ପୂର୍ବରୁ ମୁଁ ଏଠାରେ ଥିଲି।






ଏଥର ମଧ୍ୟ ସେହିପରି ଘଟିଥିଲା। ପୁଣି ଥରେ ଆମେ ଆରସିବିକୁ ଆଇପିଏଲ ଚାମ୍ପିଅନ୍ ଭାବରେ ଉଭା ହେବାର ଦେଖିଲୁ। ରବିବାର (ଜୁନ୍ ୧) ଆଇପିଏଲ ଫାଇନାଲରେ ଆରସିବିର ବିଜୟର ନାୟକ ବିରାଟ କୋହଲି ୭୫ରନ କରି ଅପରାଜିତ ରହିଥିଲେ ଏବଂ ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବରେ ସମ୍ମାନିତ କରାଯାଇଥିଲା। ମୁଁ ବିଶେଷ ଭାବରେ ଜୋଶ ଏବଂ ଟିମ୍ ସହିତ ତାଙ୍କ ଯୋଗଦାନକୁ ପ୍ରଶଂସା କରୁଛି। ଆରସିବିର ଆଇପିଏଲ ବିଜୟ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଭାଗୀଦାରୀର ଏକ ସ୍ପଷ୍ଟ ଝଲକ ପ୍ରଦାନ କରିଥିଲା। କୋହଲି ଅଷ୍ଟ୍ରେଲିଆରେ ବେଶ ଜଣାଶୁଣା ନାମ। ଭାରତ ଭଳି ଆମ ଦେଶରେ ମଧ୍ୟ କୋହଲିଙ୍କୁ ଘରେଘରେ ଲୋକେ ଚିହ୍ନିଛନ୍ତି। ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚରେ ଆରସିବି ସଫଳତାର ସହ ୧୮ ଓଭରରେ ଲକ୍ଷ୍ୟ ହାସଲ କରି ଗୁଜରାଟ ଟାଇଟାନ୍ସକୁ ୧୫୫/୮ ସ୍କୋରରେ ସୀମିତ ରଖିଥିଲା। ଏହି ମ୍ୟାଚରେ ବିରାଟ କୋହଲି ୪୨ ବଲରେ ୭୫ ରନରେ ଅପରାଜିତ ଇନିଂସ ଖେଳିଥିଲେ, ଯେଉଁଥିରେ ୩ ଛକା ଏବଂ ୯ ଚୌକା ଥିଲା। ଟିମ୍ ଡେଭିଡ୍ ୧୭ ବଲରେ ୪ ଚୌକା ସହିତ ୨୪ ରନର ଅବଦାନ ଦେଇଥିଲେ। ଏହି ସମୟରେ, ଜୋସ ଚାରି ଓଭରରେ ୩୭ ରନ୍ ଦେଇ ଦୁଇଟି ୱିକେଟ୍ ନେଇଥିଲେ।

# ଡେଭିଡ୍‌ଙ୍କ ସିଗାର ସେଲିବ୍ରେସନ୍

ଅହମଦାବାଦ୪।୬: ଗୁଜରାଟ ଟାଇଟନ୍ସକୁ ହରାଇ ଆର୍‌ସିବି ଦ୍ୱିତୀୟ ବାର ଆଇପିଏଲ୍ ବିଜେତା ହେବା ପରେ ଏହି ଦଳର ବ୍ୟାଟର୍ ଟିମ୍ ଡେଭିଡ୍ ସିଗାର ପିଇ ଉତ୍ସବ ପାଳନ କରୁଥିବାର ଭିଡିଓ ଏବେ ଭାଇରାଲ୍ ହୋଇଛି। ଅଷ୍ଟ୍ରେଲୀୟ କ୍ରିକେଟର୍ ଡେଭିଡ୍ ମଧ୍ୟ ନିଜ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଏହାର ଏକ ଫଟୋ ସେୟାର କରିଛନ୍ତି। ଅଷ୍ଟ୍ରେଲିଆରେ କେଣସି ଟ୍ରଫି ଜିତିବା ପରେ ସିଗାର ଟାଣି କିମ୍ବା ସାମ୍‌ପେନ୍ ପିଇ ଏହାର ଉତ୍ସବ ପାଳନ କରିବା ଏକ ସାଧାରଣ କଥା। ତେବେ ଭାରତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳେନି। ଡେଭିଡ୍ ପଡିଆ ଭିତରେ ସିଗାର ପିଉଥିବାର ଭିଡିଓ ପଦାକୁ ଆସିବା ପରେ ଏଥିନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିଛି ଲୋକ ଏହାକୁ ସମର୍ଥନ କରୁଥିଲା ବେଳେ ଅନେକ ଏହାକୁ ସମାଲୋଚନା କରିଛନ୍ତି। ତେବେ ବିସିସିଆଇ ଏଥିନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମ୍ଭାବନା ପ୍ରାୟ ନାହିଁ। ଏହି ମ୍ୟାଚ୍‌ରେ କିନ୍ତୁ ଅମ୍ପାୟାର ନୀତିନ ମେନନଙ୍କ ଉପରକୁ ବରଫ ବ୍ୟାଗ୍ ଫିଙ୍ଗି ଡେଭିଡ୍ ନିଜ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ହରାଇଛନ୍ତି। ତାଙ୍କୁ ମଧ୍ୟ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ଦୁଇଟି ଡି' ମେରିଟ୍ ପଏଣ୍ଟ୍ ମିଳିଛି।

## ଏଆଇଏଫ୍‌ଏଫ୍‌ର ୨୦୨୬-୨୬ ଋତୁ ଲାଗି କ୍ୟାଲେଣ୍ଡର୍ ଘୋଷଣା
# ଫେବ୍ରୁଆରି ୨ରୁ ଆଇ-ଲିଗ୍, ଏପ୍ରିଲ୍ ୨୦ରୁ ଫେଡେରେସନ୍ କପ୍

ନୂଆଦିଲ୍ଲୀ, ୪।୬: ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ୨୦୨୬-୨୬ ଋତୁ ଲାଗି ଅସ୍ଥାୟୀ ଫୁଟ୍‌ବଲ୍ କ୍ରୀଡା କ୍ୟାଲେଣ୍ଡର୍ ଘୋଷଣା କରିଛି। ତଦନୁଯାୟୀ ଦେଶର ଶୀର୍ଷସ୍ତରୀୟ ପେସାଦାର ଫୁଟବଲ୍ ଲିଗ୍ 'ଆଇଏସ୍‌ଏଲ୍' (ଇଣ୍ଡିଆନ୍ ସୁପର ଲିଗ୍) ଆସନ୍ତା ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୨୦୨୭ ଏପ୍ରିଲ୍ ୧୧ ପର୍ଯ୍ୟନ୍ତ ଚାଲିବ। ପରିଚାଳନାଗତ ସମସ୍ୟା କାରଣରୁ ଚଳିତ ବର୍ଷ ଛୋଟ ଅବଧିରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତା ପୁଣିଥରେ ୭ମାସିଆ ଫର୍ମାଟ୍‌କୁ ଫେରିବ। ସେହିଭଳି ଘରୋଇ ଫୁଟ୍‌ବଲ୍ ଋତୁର ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା ଫେଡେରେସନ୍ କପ୍ ଏପ୍ରିଲ୍ ୨୦, ୨୦୨୭ରୁ ମେ' ୧୦ ୨୦୨୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବାବେଳେ ଦ୍ୱିତୀୟ ସ୍ତରୀୟ ଲିଗ୍ ଆଇଏଫ୍‌ଏଲ୍ (ଇଣ୍ଡିଆନ୍ ଫୁଟବଲ୍ ଲିଗ୍) ଚଳିତବର୍ଷ ଅକ୍ଟୋବର ୯ରୁ ଆସନ୍ତାବର୍ଷ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଖେଳାଯିବ।ମହିଳା ଫୁଟ୍‌ବଲ୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ହୋଇ ଆସୁଥିବା ଆଇଡବ୍ଲ୍ୟୁଏଲ୍ (ଇଣ୍ଡିଆନ୍ ୱିମେନ୍ସ ଲିଗ୍)ଚଳିତ ବର୍ଷ ସେପ୍ଟେମ୍ବର ୩ରୁ ଆସନ୍ତାବର୍ଷ ଜାନୁଆରି ୨୪ ପର୍ଯ୍ୟନ୍ତ ଆୟୋଜିତ ହେବ। ସେହିପରି ଆଇଡବ୍ଲ୍ୟୁଏଲ୍-୨ ଚଳିତ ବର୍ଷ ଜୁଲାଇ ୯ରୁ ଅଗଷ୍ଟ ୨୨ ମଧ୍ୟରେ ଖେଳାଯିବ। ପୁରୁଷ ଫୁଟ୍‌ବଲ୍‌ର ଆଇ-ଲିଗ୍ ୨ ଆସନ୍ତାବର୍ଷ ଫେବ୍ରୁଆରି ୧ରୁ ଏପ୍ରିଲ୍ ୧୧ ଏବଂ ତୃତୀୟ ଡିଭିଜନ୍ ଲିଗ୍ ଅଗଷ୍ଟ ୧୫ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଖେଳାଯିବ। ଐତିହାସିକ ଡୁରାଣ୍ଡ କପ୍ ଚଳିତବର୍ଷ ଜୁଲାଇ ୧୧ରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଖେଳାଯିବ। ଅନ୍ୟପକ୍ଷରେ, ଜାତୀୟ ଫୁଟ୍‌ବଲ୍ ଚାମ୍ପିୟନସିପ୍ 'ସନ୍ତୋଷ ଟ୍ରଫି' ନଭେମ୍ବର ୧୯ରୁ ୨୦୨୭ ଜାନୁଆରି ୧୭ ପର୍ଯ୍ୟନ୍ତ ଆୟୋଜିତ ହେବାର ପ୍ରସ୍ତାବ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ଆଇଏସ୍‌ଏଲ୍ ଋତୁରେ ୧୪ଟି ଦଳ ମଧ୍ୟରେ ଏକକ-ଲେଗ୍ ରାଉଣ୍ଡ ରବିନ୍ ଫର୍ମାଟରେ ମୋଟ ୯୧ଟି ମ୍ୟାଚ୍ ଖେଳାଯାଇଥିଲା। ଲିଗ୍ ଇତିହାସରେ ପ୍ରଥମଥର ପାଇଁ ଇଷ୍ଟବେଙ୍ଗଲ୍ ଏଫ୍‌ସି ବିଜେତା ହୋଇଥିଲା ବେଳେ ମୋହନ ବାଗାନ ସୁପର ଜାଏଣ୍ଟ୍ସ ଉପବିଜେତା ହୋଇଥିଲା। ଏହି ପ୍ରତିଯୋଗିତାଗୁଡିକ ଛଡା ଆଗାମୀ ଋତୁରେ ବିଭିନ୍ନ ବର୍ଗସ ବର୍ଗ ପ୍ରତିଯୋଗିତା, ଯୁବ ଲିଗ୍, ଫୁଟ୍‌ସାଲ୍ ଓ ବିଚ୍ ସକର୍ ଆଦି ମଧ୍ୟ ଖେଳାଯିବ। ଯାହାର ଆନୁଷ୍ଠାନିକ ସୂଚୀ ପରେ ଘୋଷଣା କରାଯିବ। ତେବେ ଏଆଇଏଫ୍‌ଏଫ୍ କାର୍ଯ୍ୟନିର୍ବାହୀ ସମିତିର ଅନୁମୋଦନ ପରେ ଯାଇ ଏହି କ୍ୟାଲେଣ୍ଡର୍ ଚୂଡାନ୍ତ ରୂପ ନେବ।

# ସବୁ ଫର୍ମାଟ୍‌ରେ ସଫଳତାର ରହସ୍ୟ ଖୋଲିଲେ ସଚିନ

ମୁମ୍ବାଇ: କ୍ରିକେଟ୍‌ର ଏମିତି କେଣସି ଫର୍ମାଟ୍ ନାହିଁ ଯେଉଁଥିରେ ମାଷ୍ଟର୍ ବ୍ଲାଷ୍ଟର ସଚିନ ତେନ୍ଦୁଲକର ସଫଳ ହୋଇନାହାନ୍ତି। ବୁଧବାର ଏକ ସାକ୍ଷାତକାର ଅବସରରେ ସଚିନ ନିଜର ଏହି ସ୍ୱତନ୍ତ୍ର ଦକ୍ଷତା ସହ ସବୁ ଫର୍ମାଟ୍‌ରେ ସଫଳ ହେବାର ରହସ୍ୟ ଉପରୁ ପରଦା ଉଠାଇଛନ୍ତି। ନିୟନ୍ତ୍ରିତ ବ୍ୟାକ୍‌ଲିଫ୍ଟ, ସୁସ୍ଥ ବୈଷୟିକ ଦକ୍ଷତା ଏବଂ ସବୁ ପ୍ରକାର ଖେଳ ପରିବେଶକୁ ଆବଶ୍ୟକ ସମ୍ମାନ ହିଁ ତାଙ୍କ ସଫଳତାର କାରଣ ବୋଲି ମତ ଦେଇଛନ୍ତି ସେ। 'ଇଏସ୍‌ପିଏନ୍ କ୍ରିକ୍ ଇନ୍‌ଫୋ' ଗତ ୨୫ବର୍ଷରେ ସର୍ବଶ୍ରେଷ୍ଠ କ୍ରିକେଟର୍ ତାଲିକାର ଦ୍ୱିତୀୟ ସ୍ଥାନରେ ରହିବା ପରେ ସଚିନ କହିଛନ୍ତି, କ୍ରିକେଟ୍‌ର ଫର୍ମାଟ୍ ଓ ନିୟମରେ ନିରନ୍ତର ପରିବର୍ତ୍ତନ ଘଟୁଥିବାରୁ ଖେଳାଳିମାନେ ଏହାକୁ



ସ୍ୱୀକାର କରି ନିଜ ଖେଳରେ ପରିବର୍ତ୍ତନ ଆଣିବା ଆବଶ୍ୟକ।

ବ୍ୟାକ୍‌ଲିଫ୍ଟ ଓ ବୈଷୟିକ ଦକ୍ଷତା ଉପରେ ନିୟନ୍ତ୍ରଣ ରହିଲେ ଯାଇ ହିଁ ଜଣେ ବ୍ୟାଟର୍ ସମସ୍ତ ଫର୍ମାଟ୍‌ରେ ସଫଳତା ହାସଲ କରିପାରିବେ। ଟି-୨୦ରେ ଆକ୍ରମଣାତ୍ମକ ବ୍ୟାଟିଂ ଦରକାର ଥିବାବେଳେ ଦିନିକିଆ କ୍ରିକେଟ୍‌ରେ ସନ୍ତୁଳନ ଏବଂ ଟେଷ୍ଟ କ୍ରିକେଟ୍‌ରେ ଟେକ୍‌ନିକ୍ ଓ ଧୈର୍ଯ୍ୟର କଠିନ ପରୀକ୍ଷା ହୋଇଥାଏ ବୋଲି ସେ କହିଥିଲେ। ପରିସ୍ଥିତିକୁ ସମ୍ମାନ ଦେଇ ଖେଳକୁ ତଦନୁଯାୟୀ ବଦଳାଇ ପାରୁଥିବା ଖେଳାଳିଙ୍କୁ ମୁଁ ସର୍ବଦା ଉପରେ ରଖିବି। ସଚିନ ଆହୁରି କହିଥିଲେ ଯେ, ବିଶେଷକରି ଟେଷ୍ଟ କ୍ରିକେଟ୍‌ରେ ଦୃଢ଼ ରକ୍ଷଣାତ୍ମକ ବ୍ୟାଟିଂ ଅତ୍ୟନ୍ତ ଜରୁରି। ଗୁଣବତ୍ତାସମ୍ପନ୍ନ ଦ୍ରୁତ ବୋଲରଙ୍କ ବିପକ୍ଷରେ ଫ୍ରଣ୍ଟ ଫୁଟ୍‌ରେ ଆତ୍ମବିଶ୍ୱାସର ସହିତ ରକ୍ଷା କରିପାରୁଥିବା ବ୍ୟାଟର୍‌ମାନେ ଉଚ୍ଚସ୍ତରରେ ସଫଳ ହେବାର ଅଧିକ ସମ୍ଭାବନା ରଖନ୍ତି।

## ଫିଫାର ପାଣି ବୋତଲ କଟକଣାକୁ ନେଇ ବିବାଦ ସୃଷ୍ଟି

ନୂଆଦିଲ୍ଲୀ,୪।୬: ବିଶ୍ୱକପ୍ ଫୁଟ୍‌ବଲ୍ ଆଉ ମାତ୍ର ଏକ ସପ୍ତାହ ଥିବାବେଳେ ଦର୍ଶକଙ୍କ ପାଇଁ ଫିଫାର ଏକ ନିୟମ ବିବାଦ ସୃଷ୍ଟି କରିଛି। ଷ୍ଟାଡିୟମ୍ ଭିତରକୁ ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବୋତଲକୁ ପୂର୍ବରୁ ଅନୁମତି ଦିଆଯାଇଥିବାବେଳେ ଏବେ ଫିଫା ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରି ସେଗୁଡ଼ିକ ଉପରେ କଟକଣା ଜାରି କରିଛି। ଫିଫାର ସଦ୍ୟତମ ନିୟମ ଅନୁସାରେ ପ୍ରଶଂସକମାନେ ଷ୍ଟାଡିୟମ୍ ଭିତରକୁ ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବୋତଲ, ଅନ୍ୟ କୌଣସି ପ୍ରକାରର ବୋତଲ, କେନ୍, ଜାର୍ ଆଦି ଆଣିପାରିବେ ନାହିଁ। ଏଗୁଡ଼ିକ ପଡ଼ିଆ ଭିତରକୁ ଫିଙ୍ଗାଗଲେ ତାହା ଖେଳାଳିଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ଫିଫା ଆଶଙ୍କା ପ୍ରକଟ କରିଛି। ତେବେ ଶିଶୁମାନଙ୍କ ପାଇଁ ଦୁଗ୍ଧ ବୋତଲ, ସ୍ୱାସ୍ଥ୍ୟଗତ କାରଣରୁ ପାନ କରାଯାଉଥିବା ଷ୍ଟେରିଲାଇଜଡ୍ ପାଣି ପ୍ୟାକେଟ୍‌କୁ ଅନୁମତି ମିଳିଛି। କିନ୍ତୁ ଏଥିପାଇଁ ଡାକ୍ତରଙ୍କ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ ।ତେବେ ଆମେରିକା, ମେକ୍ସିକୋ ଆଦି ଦେଶରେ ଏବେ ଗ୍ରୀଷ୍ମଋତୁ ଚାଲିଥିବାରୁ ଫିଫାର ଏହି କଟକଣାକୁ ବିରୋଧ କରାଯାଉଛି। କେତେକ ପ୍ରଶଂସକ ସୋସିଆଲ୍ ମିଡିଆରେ ଲେଖିଛନ୍ତି ଯେ ଫିଫା ଓ କୋକାକୋଲା ମଧ୍ୟରେ ଚୁକ୍ତି ଥିବାରୁ ଷ୍ଟାଡିୟମ ଭିତରେ ଏହି କମ୍ପାନିର 'ଦାସାନି' ପାଣି ବୋତଲ ଚଢ଼ା ଦାମରେ ବିକ୍ରି କରିବାକୁ ଏପରି ଫିକର କରାଯାଇଛି।

# ସବୁ ଅର୍ଥ ଦେଲାନି ମୁମ୍ବାଇ ଇଣ୍ଡିଆନ୍ସ

**ନୂଆଦିଲ୍ଲୀ,୪।୬(ଏଜେନସି):** ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ସ୍ପିନର ତଥା ଅଲରାଉଣ୍ଡର ମିଚେଲ ସାଣ୍ଟନର ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ ଜାରି ଥିବା ବେଳେ ଆଘାତ ପାଇଥିଲେ ଏବଂ ଏବେ ସେ ବାକି ଟଙ୍କାକୁ ନେଇ ମୁହଁ ଖୋଲିଛନ୍ତି। ନ୍ୟୁଜିଲାଣ୍ଡର ସୀମିତ ଓଭର ଅଧିନାୟକ ସାଣ୍ଟନର କହିଛନ୍ତି ଯେ, ଆଇପିଏଲ୍ ଟୁର୍ଣ୍ଣାମେଣ୍ଟ ମଝିରୁ ବାହାରିବା ପରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ନିର୍ଦ୍ଧାରିତ ଟଙ୍କାର ଅଧା ମିଳିଛି। ଏହା ମୋତେ ନିରାଶ କରିଛି। ଇଂଲଣ୍ଡ ବିପକ୍ଷ ଲର୍ଡସରେ ଜୁନ ୪ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଏକ କାର୍ଯ୍ୟକ୍ରମରେ ସାଣ୍ଟନର କହିଛନ୍ତି, ଆଇପିଏଲ୍ ୨୦୨୬ ସମୟରେ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟ ଛାଡିବାକୁ ପଡିଥିଲା। ନିକଟରେ ସେ ସାମାଜିକ ଗଣମାଧ୍ୟମରେ ଏହା ମଧ୍ୟ ଅଭିଯୋଗ ଆଣିଥିଲେ ଯେ, ଆଘାତ ବାହାନା କରି ଆଇପିଏଲ୍ ଛାଡିଥିଲେ ଏବଂ କିଛି ଦିନ ପରେ ନ୍ୟୁଜିଲାଣ୍ଡର ଟେଷ୍ଟ ଟିମ୍‌ରେ ସାମିଲ ହୋଇଥିଲେ। ଏହି ଅଭିଯୋଗ ଉପରେ ଜବାବ ଦେଇ ସାଣ୍ଟନର କହିଛନ୍ତି, ଦ୍ୱିତୀୟ ଶିଶୁର ଜନ୍ମ କାରଣରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ ଖେଳିପାରି ନଥିଲେ। ଏହା ପରେ ସେ ଭାରତ ଆସି ଦିଲ୍ଲୀ ବିପକ୍ଷ ମୁକାବିଲାରେ ଯୋଗ ଦେଇଥିଲେ। ଏହି ସମୟରେ ତାଙ୍କର ଡାହାଣ କାନ୍ଧରେ ଆଘାତ ଲାଗିଥିଲା। ଏହା ପରେ ତାଙ୍କର ବାମ କାନ୍ଧରେ ମଧ୍ୟ ଆଘାତ ଲାଗିଥିଲା। ସାଣ୍ଟନର କହିଛନ୍ତି, ମୁଁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଆଘାତ ଯନ୍ତ୍ରଣାରେ ଥିଲି। ମୁଁ ଭାବୁଥିଲି, ଟିମ୍ ପାଇଁ ନିଜର ଶରୀରକୁ ଯନ୍ତ୍ରଣା ଦେଇଛି। କିନ୍ତୁ ଅନ୍ୟମାନେ ଏହାକୁ ସ୍ୱୀକାର କରି ନଥିଲେ। ଆଘାତରୁ ଆଶ୍ୱସ୍ତି ମିଳିବା ପରେ ତାଙ୍କୁ ୨ କୋଟି ଟଙ୍କାର ଫି'ରୁ କେବଳ ଅଧା ଦିଆଗଲା। ଆଇପିଏଲ୍ ୨୦୨୬ରେ ସାଣ୍ଟନର ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମାତ୍ର ୪ଟି ମ୍ୟାଚ୍ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୫ଟି ୱିକେଟ ହାସଲ କରିଥିଲେ। ସେ ଏହାରି ମଧ୍ୟରେ ୨୬ ରନ୍ କରିଥିଲେ। ୨୦୨୬ ଏପ୍ରିଲ ୨୭ରେ ତାଙ୍କୁ ଟିମ୍‌ରୁ ବାହାର କରିଦିଆଗଲା। ତାଙ୍କର ସ୍ଥାନରେ ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ସ୍ପିନର କେଶବ ମହାରାଜଙ୍କୁ ସାମିଲ କରାଯାଇଥିଲା।

# ଚଳିତ ବର୍ଷ ନ୍ୟୁଜିଲାଣ୍ଡ ଗସ୍ତରେ ୧୨ଟି ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ: ଭାରତ ଚଳିତ ବର୍ଷ ନ୍ୟୁଜିଲାଣ୍ଡ ଗସ୍ତ କରି ସମସ୍ତ ଫର୍ମାଟ୍‌ରେ ମୋଟ ୧୨ ମ୍ୟାଚ୍ ଖେଳିବ। ଏହି ଗସ୍ତରେ ଭାରତ ଘରୋଇ ଦଳ ବିପକ୍ଷରେ ୧୦ ଧଳା ବଲ୍ ମ୍ୟାଚ୍ (୫ ଲେଖାଏଁ ଦିନିକିଆ ଓ ଟ୍ୱେଣ୍ଟି-୨୦) ଏବଂ ୨ଟି ନାଲି ବଲ୍ ମ୍ୟାଚ୍ ଖେଳିବ। ନ୍ୟୁଜିଲାଣ୍ଡରେ ଏହା ପୁରୁଷ କ୍ରିକେଟ୍‌ରେ ସବୁଠୁ ବଡ ଦ୍ୱିପାକ୍ଷିକ ଶୃଙ୍ଖଳା ହେବ।ଦୁଇ ଦେଶ ୧୦୦ ବର୍ଷ କ୍ରୀଡା ସମ୍ପର୍କ ପାଳନ କରିବାକୁ ଯାଉଥିବାରୁ ଏହି ଶୃଙ୍ଖଳାର ମହତ୍ତ୍ୱ ବଢ଼ିଛି। ଭାରତର ଏହି ୪୦ଦିନିଆ ଗସ୍ତ ଅକ୍ଟୋବର ୨୨ରୁ ଖ୍ରୀଷ୍ଟଚର୍ଚ୍ଚରୁ ଆରମ୍ଭ ହେବ। ପ୍ରଥମ ଦୁଇ ଟ୍ୱେଣ୍ଟି-୨୦ ଖ୍ରୀଷ୍ଟଚର୍ଚ୍ଚରେ ୨୨ ଓ ୨୪ ତାରିଖରେ ଖେଳାଯିବ। ଏହାପରେ ୨୭ରେ ୱେଲିଂଟନ୍‌ରେ, ୩୦ରେ ଅକ୍‌ଲାଣ୍ଡରେ ଏବଂ ନଭେମ୍ବର ୧ରେ ହମିଲଟନ୍‌ରେ ଖେଳାଯିବ। ନଭେମ୍ବର ୪ (ଅକ୍‌ଲାଣ୍ଡ), ୭ (ୱେଲିଂଟନ୍), ୧୦ (ହାମିଲଟନ୍), ୧୩ ଓ ୧୫ (ମାଉଣ୍ଟମେଗନାଇ) ତାରିଖରେ ଦିନିକିଆ ମ୍ୟାଚ୍‌ଗୁଡିକ ଖେଳାଯିବ। ଟେଷ୍ଟ୍ ଦ୍ୱୟ ଯଥାକ୍ରମେ ନଭେମ୍ବର ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ୱେଲିଂଟନ୍‌ରେ ଏବଂ ୨୭ ନଭେମ୍ବରରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବାକୁ ସ୍ଥିର ହୋଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ